

# ପିପୁଲ୍ସ ହାଇସ୍କୁଲରେ ବ୍ଲକ ସ୍ତରୀୟ ସାଇନ୍ସ ସେମିନାର



**ବୁଗୁଡା, ୮/୧୦ (ନି.ପ୍ର) :** ସ୍ଥାନୀୟ ପିପୁଲ୍ସ ହାଇସ୍କୁଲରେ ବୁଗୁଡା ବ୍ଲକ୍ ସ୍ତରୀୟ ସାଇନ୍ସ ସେମିନାର ଅନୁଷ୍ଠିତ ହୋଇଯାଇଛି। ପିପୁଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ଏବଂ ସମ୍ମାନିତ ଅତିଥି ତଥା ବିଚାରକ ଭାବେ ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଜୟରାମ ବିଷୋୟୀ ଓ ରସାୟନ ବିଜ୍ଞାନ ଅଧ୍ୟାପକ ବିଜେନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଉକ୍ତ ସେମିନାରର ଥିମ୍ କ୍ୱାଣ୍ଟମ୍ ଏଜ୍ ବିଗିନ୍ସ ପୋଟେନସିଆଲ୍ସ ଏଣ୍ଡ୍ ଚ୍ୟାଲେଞ୍ଜସ୍ ରହିଥିଲା। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୪ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀ ଭାବେ ଅଂଶ ଗ୍ରହଣ କରି କ୍ୱାଣ୍ଟମ୍ ଯୁଗାରମ୍ଭରେ ରହିଥିବା ସମ୍ଭାବନା ଓ ଆହ୍ୱାନ ସମ୍ପର୍କେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ୍ୟ ବିଚାରକ ଦ୍ୱୟଙ୍କ ମୂଲ୍ୟାଙ୍କନ କ୍ରମେ ଭାମଶ୍ୟାଳି ହାଇସ୍କୁଲ ଛାତ୍ରୀ ଖୁସି ସେଠୀ ତୃତୀୟ ସ୍ଥାନ ଓ ଗୋଲିଅ। ଆଦର୍ଶ ବିଦ୍ୟାଳୟ ଛାତ୍ରୀ ମୋନାଲିସା ରା ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା ବେଳେ ବିରଞ୍ଚିପୁରସ୍ଥ ଶ୍ରୀ ରାଧାକୃଷ୍ଣ ହାଇସ୍କୁଲର ଛାତ୍ରୀ ଶୁଭଦର୍ଶିନୀ ପାଢୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହ ଆସନ୍ତା ୧୦ ତାରିଖ ଦିନ ବ୍ରହ୍ମପୁରସ୍ଥ କେ.ସି .ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସାଇନ୍ସ ସେମିନାରକୁ ପ୍ରତିଯୋଗୀ ଭାବେ ମନୋନୀତ ହୋଇଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ, ପି.ଶିବାନନ୍ଦ ଓ କାହ୍ନୁ ଚରଣ ଗୌଡ ପ୍ରମୁଖ ପରିଚାଳନା କରିଥିଲା ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଏଥିରେ ସହଯୋଗ କରିଥିଲେ।

# ଅବ୍ୟବସ୍ଥା ଘେରରେ ଅସ୍ଥାୟୀ ପରିବା ମାର୍କେଟ

**ପାରାଦୀପ, ୮।୧୦ (ନି.ପ୍ର):** ପାରାଦୀପ ବଡ଼ପଡ଼ିଆ। ମାର୍କେଟ ଅଞ୍ଚଳରେ ଥିବା ଅସ୍ଥାୟୀ ପରିବା ମାର୍କେଟ ଉପରେ ସ୍ଥାନୀୟ ଲୋକେ ନିର୍ଭର କରୁଥିବା ବେଳେ ବିଭିନ୍ନ କମ୍ପାନୀ ରେ କାର୍ଯ୍ୟରତ କର୍ମଚାରୀ ଏବଂ ଶ୍ରମିକ ମାନେ ଉକ୍ତ ମାର୍କେଟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ହେଲେ ମାର୍କେଟ ର ଅବସ୍ଥା ଆଉ ଅବ୍ୟବସ୍ଥା ଯୋଗୁଁ ଗ୍ରାହକ ମାନଙ୍କ ମାର୍କେଟିଙ୍ଗ କରିବା କଷ୍ଟସାଧ ହୋଉପଡ଼ିଛି। ପ୍ରତ୍ୟେକ ପରିବା ଦୋକାନୀ ନିଜ ସୀମା ଠାରୁ ଅଧିକା ଜାଗା ମାଡି ବସି ଥିବାରୁ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏ ପରିକି ଗ୍ରାହକ ମାନଙ୍କ ପାଇଁ ଗାଡି ରଖି ରଖିବା ପାଇଁ ସୁବିଧା ନ ଥିବାରୁ ଗାଡି ରାସ୍ତା ଉପରେ ଗ୍ରାହକ ରଖୁ ଥିବାରୁ ସାଧାରଣ ଲୋକ ମାନଙ୍କ ଯାତାୟାତ ରେ ଘୋର ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି । ଷଣ୍ଡ ଗାଇ ଗୋରୁ ଙ୍କ ଅବାଧ ବିଚରଣ ଯୋଗୁଁ ସଧାରଣରେ ଏହା ବିପଦ ସୃଷ୍ଟି କରିଛି। ଯଦିଓ ପୌର ପ୍ରଶାସନ ପକ୍ଷରୁ ଦୈନିକ ସକାଳେ ଏହି ମାର୍କେଟ ଅଞ୍ଚଳରୁ ଅଳିଆ। ସଫା କରାଯାଉଛି । ତେବେ ଦୋକାନୀ ମାନେ ତାଙ୍କ ନଷ୍ଟ ପରିବା ସାମଗ୍ରୀ ଓ ଅଳିଆ। ଆବର୍ଜନା ପାଖରେ ଥିବା ନଦୀ ଜୋରରେ ପକାଇବା ଦ୍ୱାରା ପୁଉ ଦୁର୍ଗନ୍ଧ ସୃଷ୍ଟି ହେଉଥିଲା ବେଳେ ବର୍ଷା ଦିନେ ସହରର ନିଷ୍କାସିତ ଜଳ ର ଗତିପଥ ଅବରୋଧ ହୋଇ ବିଭିନ୍ନ ଡ୍ରେନ ଜାମ ରହି ଅସ୍ୱାସ୍ଥ୍ୟକାର ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ତେବେ ଏଥିପ୍ରତି ପାରାଦୀପ ବନ୍ଦର ଇଷ୍ଟେଟ ବିଭାଗ ଓ ପୌର ପ୍ରଶାସନ ଦୃଢ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି।



# କଂଗ୍ରେସ ପକ୍ଷରୁ ଭୋଟ ଚୋର ଗାଦି ଛାଡ ଦସ୍ତଖତ ସଂଗ୍ରହ ଅଭିଯାନ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୮/୧୦(ନି.ପ୍ର) :** କେନ୍ଦ୍ର ବିଜେପି ସରକାରଙ୍କ ଭୋଟ ଚୋରୀ ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସକମିଟି ନିର୍ଦ୍ଦେଶରେ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଜେନାଙ୍କ ଅଧ୍ୟକ୍ଷତାରେ 'ଭୋଟ ଚୋରୀ - ଗାଦି ଛାଡ' ଦସ୍ତଖତ ସଂଗ୍ରହ ଅଭିଯାନ ପ୍ରସ୍ତୁତି ବୈଠକ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜେନା କହିଥିଲେ ଯେ ଉକ୍ତ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ନେତୃବୃନ୍ଦ, ବ୍ଲକକଂଗ୍ରେସ ସଭାପତି, ୱାର୍ଡ ସଭାପତି ଓ କଂଗ୍ରେସ କର୍ମୀ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନସାଧାରଣଙ୍କୁ ସଚେତନ କରାଇ ଉଦ୍ଦିଷ୍ଟ ଫର୍ମରେ ଦସ୍ତଖତ ସଂଗ୍ରହ କରାଯିବ। ଏହି ଅଭିଯାନଙ୍କୁ ସଫଳ କରାଇବାକୁ ଶ୍ରୀ ଜେନା ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଶେଷରେ ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁଜୀତ ପାଢ଼ୀ, ଅମ୍ରିତା ଦାସ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ବିଶ୍ୱଜିତ ଦାସ, ମନୋରନ ଦାସ, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ଅଭିଳାଷ ମାଣିଆ, ପ୍ରଣତୀମିଶ୍ର, ରାଜକିଶୋରବାରିକ, ରଜନୀ ମହାନ୍ତି, ମୋହନ ଜେନା, ଜୟକୃଷ୍ଣ ମାଲିଆ, ତରୁଣମିଶ୍ର, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ସୁବ୍ରତମହାପାତ୍ର, କାହ୍ନାରାଉତ, ସୂର୍ଯ୍ୟକାନ୍ତ ଜେନା, କାର୍ତ୍ତିକଚନ୍ଦ୍ର ବରାଳ, ମନୋରନ ଜେନା, ପ୍ରମୁଖ ବହୁ କଂଗ୍ରେସ ନେତୃ ବର୍ଗ ଓ କର୍ମୀ ଉପସ୍ଥିତ ଥିଲେ।

# ଅଲାରପୁର କୁମାର ଉତ୍ସବ ଉଦ୍‌ଯାପିତ



**ବଲଙ୍ଗା, ୮।୧୦ (ନି.ପ୍ର):** ଆୟୋଜିତ ଦୁଇଦିନ ବ୍ୟାପୀ ହରଦୁର୍ଗା ୟୁଥ୍ କ୍ଲବ୍ ପକ୍ଷରୁ ୧୫ତମ କୁମାର ଉତ୍ସବ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଆଜି ଉତ୍ସବ ରେ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ରାଜ୍ୟ କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଓଡ଼ିଆ। ପରମ୍ପରାକୁ ବଜାଇ ରଖିବାପାଇଁ ଯୁବଗୋଷ୍ଠୀ ଆଗେଇ ଆସିବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଡେଲାଙ୍ଗ -ପିପିଲି ବିଧାୟକ ଆଶ୍ରୀତ୍ ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଅଶ୍ୱିନୀ କୁମାର ସାହୁ, ସମ୍ପାଦକ ବିବେକାନନ୍ଦ ଷଡଙ୍ଗୀ ପ୍ରମୁଖ ଏହି ଉତ୍ସବକୁ ସଞ୍ଚାଳନ ଦିଗରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇ ଆଗାମୀ ଦିନରେ ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ଦିଗରେ ସୁଚିନ୍ତିତ ମତାମତ ଦେଇଥିଲେ। ସୁପରଷ୍ଟାର ଅନୁଭବ ମହାନ୍ତି, ଅଭିନେତ୍ରୀ ଶିବାନୀ ସଂଗିତା,ଅହିଂସା ପଣ୍ଡା ଲିଇଭି ବ୍ୟାଣ୍ଡ, କମେଡି କିଙ୍ଗ୍ ପପୁ ପମପମ୍ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଖିବାପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା ।

# ଗିରିଗୋବର୍ଦ୍ଧନ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ବଙ୍ଗୋମୁଣ୍ଡା,୦୮।୧୦ (ନି.ପ୍ର):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗ୍ରାମ ରେ ସାର୍ବଜନୀନ ଗିରିଗୋବର୍ଦ୍ଧନ ପୂଜା କମିଟି ଓ ମାଁ ସାହାଜି ଯୁବକ ସଂଘ କପିଲାଭଟା ର ମିଳିତ ଆନୁକୂଲ୍ୟରେ ୩ୟ ତମ ଗିରିଗୋବର୍ଦ୍ଧନ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆବାହକ ତଥା ଯୁବ ସାମ୍ବାଦିକ ହୁଲେଶ୍ୱର ହଂସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ଗତ ବର୍ଷ ର ଆୟବ୍ୟୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ଏକ ପରିଚାଳନା କମିଟି ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ଏଥିରେ ସଭାପତି ଭାବେ ମନମଥ ହଂସ, ଉପସଭାପତି କର୍ଣ୍ଣ ହଂସ, ସମ୍ପାଦକ ଭାବେ ବିଷ୍ଣୁପ୍ରସାଦ ଗହିର, ସହ ସମ୍ପାଦକ କୁବେର ହଂସ, କୋଷାଧ୍ୟକ୍ଷ ଭାବେ ଦୁର୍ମନ ହଂସ, ଭକ୍ତ ହଂସ, ବୈଷ୍ଣବ ହଂସ, ଉପଦେଷ୍ଟା ଭାବେ ପୃଥ୍ୱୀରାଜ ବାଗ, ବୀର ହଂସ, ପାର୍ଥ ହଂସ, ଦୁର୍ଦ୍ଦକ୍ଷ ହଂସ, ସଦସ୍ୟ ଭାବେ ଛବିଲାଲ ଜାନୀ, ପରମାନନ୍ଦ ଛତ୍ରୀଆ, ହରପ୍ରସାଦ ହଂସ, ନରେନ୍ଦ୍ର ପୁଞ୍ଜି, ଯୁବରାଜ ହଂସ ପ୍ରମୁଖ ଙ୍କ ସହ ଅନ୍ୟ ମାନେ ମନୋନୀତ ହୋଇଥିଲେ। ଚଳିତ ବର୍ଷ କିପରି ଭାବେ ମହାସମାରୋହ ରେ ପାଳନ କରାଯିବ ସେ ସମ୍ପର୍କ ରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ଅକ୍ଟୋବର ୨୧ ତାରିଖ ସନ୍ଧ୍ୟା ୬ ଘଟିକା ରେ ଉଦଘାଟନୀ ସାଧାରଣ ସଭା ପରେ ଡ୍ୟାନ୍ସ ଧମାକା ,ଅକ୍ଟୋବର ୨୨ ତାରିଖ ରେ ସନ୍ଧ୍ୟା ୬ ଘଟିକା ରେ ଦ୍ୱିତୀୟ ରଜନୀ ପରେ ରାତ୍ର ରେ ସିନାପାଲି ବ୍ଲକ କୋଦୋବେଡା ର କାଳ୍ପନିକ ନାଟକ ମନ ହଜିଗଲା ଫୁଲ ବନରେ ମଂଚସ୍ଥ ହେବ,୩ ତାରିଖ ସନ୍ଧ୍ୟା ୬ ଘଟିକା ରେ ଉଦଯାପନୀ ଉତ୍ସବ ପରେ ରାତ୍ରି ରେ ବୋଡ଼େନ ବ୍ଲକ ଲେସୁନପାଲି ଗାଁର କାଳ୍ପନିକ ନାଟକ ସୁଚିତ୍ରା ଚନ୍ଦ୍ରକେତୁ ମିଳନ ବା ରାମ ବିଜେତା ହନୁ ମଂଚସ୍ଥ ହେବ ବୋଲି ନିଷ୍ପତି ନିଆଯାଇଛି। ପ୍ରତ୍ୟେହ ସନ୍ଧ୍ୟା ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସୂଚନା ମିଳିଛି। ଏହି ଅବସର ରେ ଅଂଚଳ ର ବିଶିଷ୍ଟ ପ୍ରତିଭାବାନ ୫ ଜଣ ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟୀ ପକ୍ଷରୁ ନିଷ୍ପତି ନିଆଯାଇଛି। ଓଡିଶା ସରକାର ଙ୍କ ଓଡ଼ିଆ। ଭାଷା ସାହିତ୍ୟ ଏବଂ ସାଂସ୍କୃତିକ ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ ଦଳ ଗୁଡିକ ଯୋଗ ଦେବେ ବୋଲି ସୂଚନା ମିଳିଛି।

# ବାଘର ମୃତ ଦେହ ଉଦ୍ଧାର

**ନବରଙ୍ଗପୁର, ୮।୧୦ (ନି.ପ୍ର):** ନବରଙ୍ଗପୁର ଜିଲ୍ଲା ବନଖଣ୍ଡ ରାଇଘର ବନାଞ୍ଚଳର ସୀମାନ୍ତରେ ଥିବା ନାକଟି ସେମେଡା ସେମରଢ଼ିହି ଗ୍ରାମରେ ମିଳିଛି ଏକ କାଳରପତାରିଆ। ବାଘର ଶବ। ନବରଙ୍ଗପୁର ଜିଲ୍ଲାରେ ବାଘ ଗଣତି ସମୟରେ ସଂଖ୍ୟା ଶୂନ ହୋଇଥିବା ବେଳେ ମକା ବାଡ଼ ଭିତରେ ମୃତ ବାଘର ଶବ ଉଦ୍ଧାର ହେବା ଘଟଣା ସମସ୍ତ ଙ୍କୁ ଚକିତ କରିଛି। ଏହି ଅଂଚଳ ଟି ଛତିଶଗଡ଼ର ସୀତାନଦୀ ବ୍ୟାଘ୍ର ଅଭୟରଣ୍ୟ ସୀମାକୁ ଲାଗି ରହିଛି । ଏଣୁ ଗତକାଲି ରାତିରେ ବାଘ ଟି ମାରିଥିବା ପ୍ରାଥମିକ ତଦନ୍ତ ଜଣାପଡିଛି। ନବରଙ୍ଗପୁର ବନ ବିଭାଗ ପକ୍ଷରୁ ବାଘ ର ଶବ ଜବତ କରିଛନ୍ତି। ନିକଟସ୍ଥ ସୀତାନଦୀ ବ୍ୟାର୍ଘ୍ୟ ଅଭୟରଣ୍ୟ ରୁ ଆସିଥିବା ଅନୁମାନ କରାଯାଇଛି। ବର୍ତ୍ତମାନ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ କୁମାର ବେହେରା ପହଂଚି ଅଧିକ ତଦନ୍ତ କରୁଛନ୍ତି ବନ ବିଭାଗ ପକ୍ଷରୁ ଶବ ଜବତ କରାଯାଇଛି। ଅନ୍ୟ ପକ୍ଷରେ ଛତିଶଗଡ଼ ବନ ବିଭାଗ କୁ ବାଘ ମୃତ୍ୟୁ ସମ୍ପର୍କ ରେ ଜଣାଇ ଦିଆଯାଇଛି।

# ସାଉନ୍ତେଶ୍ୱରୀ ଦେବୀଙ୍କ ପୁସ୍ତକ ଉନ୍ମୋଚିତ



**ବଲାଙ୍ଗିର, ୮।୧୦ (ନି.ପ୍ର):** ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସାଉନ୍ତପୁର ଗ୍ରାମ ରେ ମାଁ ସାଉନ୍ତେଶ୍ୱରୀ ମନ୍ଦିରରେ ସାଉନ୍ତେଶ୍ୱରୀ ଦେବୀଙ୍କ ପୀଠ ରେ ପୂଜାର୍ଚ୍ଚନା କରି ଏକ ସଭା ଆୟୋଜିତ ହୋଇଥିଲା। ସଭାକୁ ସ୍ୱାଗତ ଭାଷଣ ଦେଇଥିଲେ ଜଗବନ୍ଧୁ ପ୍ରଧାନ, ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଭାବେ ଡା. ରୁଦ୍ର ନାରାୟଣ ପଟେଲ, ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ମଂଚସିନ ହୋଇଥିବା ବେଳେ ପରିଚାଳନା କରିଥିଲେ ପ୍ରଦୀପ କୁମାର ପ୍ରଧାନ। ଯୁଗେ ଯୁଗେ ସାଉନ୍ତେଶ୍ୱରୀ ଦେବୀ ପୁସ୍ତକ ଉନ୍ମୋଚିତ କରିଥିଲେ ପଦ୍ମଶ୍ରୀ ହଳଧର ନାଗ। ଏହି ପୁସ୍ତକରେ ଦେବୀ ଙ୍କ କିମ୍ବଦନ୍ତି , ଐତିହ୍ୟ ଓ ତନ୍ତ୍ରମନ୍ତ୍ର ଯନ୍ତ୍ର ଓ ଦେବୀଙ୍କ ମହିମା ପୂଜାର୍ଚ୍ଚନା ଉପରେ ଓ ୧୬ ପୂଜା ଓ ଦେବୀଙ୍କ ଅବିର୍ଭାବ ଏହି ପୁସ୍ତକରେ ସ୍ଥାନ ପାଇଛି। ପଦ୍ମଶ୍ରୀ ହଳଧର ନାଗ ଏହି ସାଉନ୍ତେଶ୍ୱରୀ ଦେବୀଙ୍କ ଉପରେ ଏକ କାବ୍ୟ ଲେଖିବେ ଏବଂ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ, ପଶ୍ଚିମ ଓଡିଶାର ବିଭିନ୍ନ ଦେବାଦେବୀ ପୀଠ ର ସୁରକ୍ଷା ପାଇଁ ପ୍ରଦାନ କରିବେ। ଏହି ପୁସ୍ତକ କୁ ଲେଖକ ଉକାଳୁ ସା, ପ୍ରକାଶକ ସୁଦର୍ଶନ ଓ ହୃଷିକେଶ ସ୍ୱାଇଁ କରିଥିବା ବେଳେ ସହଯୋଗ କରିଥିଲେ ଆବାହକ ମନୋଜ ସାହୁ, ସୁବ୍ରତ ପଧାନ, ମୁକେଶ ମାଲବ୍ୟ ସାହୁ, ଲଳିତ ଭୋଇ, ଗରିବ ସାହୁ, ରୋହିତ ପଧାନ, ଦୁର୍ଗା ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ରାମ ଗୋପାଳ ଭୁଏ । ଏହି ଅବସରରେ କୁନି କୁନି ପିଲାମାନେ ଲେତପାଲି ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ।

# ଚମ୍ପୁଆର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀପୂଜା ପାଳିତ

**ଚମ୍ପୁଆ, ୮।୧୦ (ନିପ୍ର):** କେନ୍ଦୁଝର ଜିଲ୍ଲା ଚମ୍ପୁଆ। ବ୍ଲକରେ ମାଆ। ଲକ୍ଷ୍ମୀଙ୍କୁ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଖୁବ୍ ଆଡମ୍ବରରେ ପୂଜା ମଣ୍ଡପ କରି ପୂଜାର୍ଚ୍ଚନା କରିବା ସହିତ ବିଭିନ୍ନ ସାସ୍କୃତିକ ତଥା ମନରଞ୍ଜନ କାର୍ଯ୍ୟକ୍ରମ କରାଯାଅଛି। ଏହି ଅବସରରେ ଚମ୍ପୁଆ। ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କୁ ବିଭିନ୍ନ ପୂଜା କମିଟି ତରଫରୁ ବିଶେଷ ଭାବେ ପୂଜା ମଣ୍ଡପ ଦର୍ଶନ ନିମନ୍ତେ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିଥିଲେ। ଶ୍ରୀ ତ୍ରିପାଠୀ ମଧ ନିମନ୍ତ୍ରଣ ସ୍ୱୀକାର କରି ମା ଲକ୍ଷ୍ମୀଙ୍କ ପୂଜା ଦିବସରେ କଇଁତା ଲକ୍ଷ୍ମୀ ପୂଜା ମେଢ଼, ସାନ କରଞ୍ଜିଆ। ଲକ୍ଷ୍ମୀ ପୂଜା ମେଢ଼, ଭଣ୍ଡା କଂସରା ଲକ୍ଷ୍ମୀ ପୂଜା ମେଢ଼, ଚିଲିକାପଶୀ ଲକ୍ଷ୍ମୀ ପୂଜା ମେଢ଼, କେମଡିହା ଲକ୍ଷ୍ମୀ ପୂଜା ମେଢ଼, ଉଚ୍ଚବାଲି ଲକ୍ଷ୍ମୀ ପୂଜା ମେଢ଼,



ପାହାଡ଼ଭଙ୍ଗା ଲକ୍ଷ୍ମୀ ପୂଜା ମେଢ଼, ନନ୍ଦପୁର ଲକ୍ଷ୍ମୀ ପୂଜା ମେଢ଼, ନିଶାଗଡ଼ିଆ। ଲକ୍ଷ୍ମୀ ପୂଜା ମେଢ଼ ଓ ମଥୁରାପୁର ଲକ୍ଷ୍ମୀ ପୂଜା ମେଢ଼ ସମେତ ୧୭ ରୁ ଅଧିକ ପୂଜା ମେଢ଼ ବୁଲି ମାଆଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରି ଗ୍ରାମବାସୀ ତଥା ଏ ସମଗ୍ର ଚମ୍ପୁଆ। ବାସୀଙ୍କ ଉନ୍ନତି, ଶାନ୍ତି ଏବଂ ସମୃଦ୍ଧି ନିମନ୍ତେ ମାଆଙ୍କ ପାଖେ ପ୍ରାର୍ଥନା କରିବା ପ୍ରକାଶ କରିଛନ୍ତି। ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଗ୍ରାମରେ ମାଆଙ୍କ ସୁନ୍ଦର ମୂର୍ତ୍ତୀ, ମେଢ଼ ଏବଂ ସାଜସଜ୍ଜା ଖୁବ୍ ସୁନ୍ଦର ହୋଇଥିବା ଦେଖିବାକୁ ମିଳିଥିଲା ଯାହା ଶ୍ରୀ ତ୍ରିପାଠୀ ମତ ରଖିଛନ୍ତି।

ଶ୍ରୀ ତ୍ରିପାଠୀ ସବୁବେଳେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧାରେ ସାମିଲ ହୋଇ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ସର୍ବଦା ତତ୍ପରତା ଦେଖାଇ ଆସିଥିବା ସମାଜସେବୀ ଶ୍ରୀ ତ୍ରିପାଠୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ କରିବା ତାଙ୍କ ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସ, ଭରଷା ତଥା ଶ୍ରଦ୍ଧା ଓ ଆତ୍ମୀୟତାକୁ ସୂଚାଇ ଦେଇ ଥାଏ ଏବଂ ଶ୍ରୀ ତ୍ରିପାଠୀଙ୍କ ଲୋକପ୍ରିୟ ଚମ୍ପୁଆ। ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବଢିବାକୁ ଲାଗିଛି।

# ଜୁଆଆଡ୍ଡା ଉପରେ ଚଢାଉ : ୧୫ ଗିରଫ

**ବୁଗୁଡା, ୮।୧୦ (ନି.ପ୍ର):** ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡା ଓ ଭଗବାନପୁର ଆଦି ୨ଟି ଗ୍ରାମରେ ଚାଲିଥିବା ଜୁଆଖେଳ ଉପରେ ପୋଲିସ ଚଢାଉ କରି ମୋଟ ୧୫ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୮ ହଜାର ୨୮୦ ଟଙ୍କା ଓ ତାସକାଟା ଜବତ ହୋଇଥିବା ନେଇ ପୋଲିସ ପକ୍ଷରୁ ପ୍ରକାଶ ପାଇଛି। ପ୍ରକାଶ ଯେ,ସ୍ଥାନୀୟ ପୋଲିସ କୁମାର ପୂର୍ଣ୍ଣିମା ବିଳମ୍ବିତ ରାତିରେ ତାକରଡା ଗ୍ରାମର ହାଇସ୍କୁଲ ନିକଟରେ ଚାଲିଥିବା ଜୁଆଖେଳ ଉପରେ ଚଢାଉ କରି ୧୦ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୩,୫୮୦ ଟଙ୍କା ଓ ତାସକାଟା ଜବତ କରିଥିଲା ବେଳେ ଏନେଇ କେସ୍ ନଂ ୬୩୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ସେହିପରି ଭୋର ସମୟରେ ପୁଣି ଭଗବାନପୁର ଗାଁର ପଞ୍ଚାୟତ ଅଫିସ୍ ପାଖରେ ଚାଲିଥିବା ଜୁଆଆଡ୍ଡା ଉପରେ ପୋଲିସ ଚଢାଉ କରି ୫ ଜଣଙ୍କୁ ଗିରଫ ସହ ୪,୭୦୦ ଟଙ୍କା ଓ ତାସକାଟା ଜବତ କରି କେସ୍ ନଂ ୬୩୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଉକ୍ତ ୨ଟି ଚଢାଉ କାର୍ଯ୍ୟ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ହୋଇଥିଲା ବେଳେ ଏଥିରେ ଏସ୍ଆଇ ବିନାୟକ ବିଧାର ଓ ବିଜୟ ମଲ୍ଲିକ , ଏଏସ୍ଆଇ ସୁମନ୍ତ କୁମାର ବେହେରା, ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

# ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ

**ବଲାଙ୍ଗିର, ୮/୧୦ (ନି.ପ୍ର) :** ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା) ର ବୈଠକ କମିଟିର ଅଧ୍ୟକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ବିଧାୟକ, ଲକ୍ଷ୍ମଣ ବାଗ, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର , ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଏବଂ ବିଧାୟକ ମାନଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ସହ ବିଭିନ୍ନ ପଞ୍ଚାୟତ ସମିତି ର ଅଧ୍ୟକ୍ଷ ଅଧ୍ୟକ୍ଷା ,ଦିଶା କମିଟି ର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ରମେଶ ସାହୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଉପ ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ ସୁଦେଶ କୁମାର ଚୌଧୁରୀ, ଡିଆରସିଏସ ପ୍ରମଦ କୁମାର ବରିହା ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତରଣି ସୁନା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଏବଂ ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତ୍ତାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସେହି ପରିଭାବେ ପୋଲ ନିର୍ମାଣ, ରୂପାନ୍ତରିତ ହେଉଥିବା ରେଳ ଷ୍ଟେସନର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ, ଆମ୍ବୁଲାନ୍ସ ସେବା ସମ୍ପର୍କରେ, ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତି ସମ୍ପର୍କରେ, କୃଷି, ମୃତ୍ତିକା ସଂରକ୍ଷଣ ତଥା ଜୈବିକ ପଦ୍ଧତିରେ ଚାଷ, ଜଳସେଚନ, ଶିକ୍ଷା, ଗୋପାଳନ, ଗୋଶାଳା ନିର୍ମାଣ, ସମବାୟ ସମିତି ସମ୍ପର୍କରେ, ତୁଷୁରା ବିମାନ ଅବତରଣ ସ୍ଥଳ / ବିମାନବନ୍ଦର ତଥା ବିଭିନ୍ନ ପରିଯୋଜନାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା ହୋଇଥିଲା। ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀ ମାନେ ଉତ୍ତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ସହ ଯୋଜନା ଗୁଡିକ ଯେପରି ତୃଣମୂଳ ସ୍ତରରେ ପହଞ୍ଚିପାରିବ, ସେଥିପ୍ରତି ଯତ୍ନବାନ ହେବାକୁ ଅଧ୍ୟକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସୁନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଗୁଳ ମେଳା ଉଦ୍‌ଘାଟିତ

**ଅନୁଗୁଳ, ୮।୧୦ (ନି.ପ୍ର) :** ଗତମଙ୍ଗଳବାର ସନ୍ଧ୍ୟାରେ ବିଜୁ ମୈଦାନଠାରେ ୧୨ତମ ଅନୁଗୁଳ ମେଳା ଉଦଘାଟିତ ହୋଇଯାଇଛି। ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପାର୍ବଣ ଋତୁରେ ଅନୁଗୋଳ ବାସୀ ପୂଜା ବୁଲି ମା ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ମେଳାରୁ ନିଜ ମନପସନ୍ଦର ଜିନିଷ କିଣି ଘରକୁ ନେଇପାରିବେ ବୋଲି ବିଧାୟକ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଲକ୍ଷ୍ମୀ ପୂଜା ଅବସରରେ ଅନୁଷ୍ଠିତ ଏହି ଅନୁଗୁଳ ମେଳାରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ଖୋଲା ଯାଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ହସ୍ତତନ୍ତ , ହସ୍ତଶିଳ୍ପ, ପୋଷାକ , ଶାଢ଼ୀ, ଘରକରଣା , ଖେଳଣା ଓ ବୈଦ୍ୟୁତିକ ଆସବାବପତ୍ର ପ୍ରଦର୍ଶନୀ ସାଙ୍ଗକୁ ବିକ୍ରୟ ମଧ୍ୟ କରାଯାଇଥାଏ।

ଫଳରେ ବିକିବା ଲୋକ ଓ କିଣିବା ଲୋକଙ୍କ ମଧ୍ୟରେ ସିଧାସଳଖ ବ୍ୟବସାୟ ହୋଇଥାଏ। ବିକିବା ଲୋକ ନିଜର ଉତ୍ପାଦିତ ଓ ସଂଗୃହିତ ଜିନିଷର ପ୍ରଦର୍ଶନୀ ସାଙ୍ଗକୁ ବିକ୍ରୟ କରିବା ସହିତ କିଣିବା ଲୋକ ଜିନିଷର ଗୁଣବତ୍ତା, ମାନ ଓ ଆବଶ୍ୟକତା ଅନୁଭବ କରି ନିଜ ମନ ପସନ୍ଦର ଜିନିଷ କିଣି ନେବାର ବ୍ୟବସ୍ଥା ରହିଛି ବୋଲି ମେଳା ସଂଯୋଜକ ପ୍ରକାଶ କରିଥିଲେ। ଅକ୍ଟୋବର ୭ ତାରିଖଠାରୁ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବା ସହିତ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ ହେବ।

# ଶିଶୁ ମାନଙ୍କ ମାନସିକ ବିକାଶକୁ ନେଇ ଅଭିନବ ପ୍ରୟାସ

**କୋରାପୁଟ,୦୮/୧୦ (ନି.ପ୍ର):** କୋମଳମତି ଶିଶୁମାନଙ୍କ ମାନସିକ ବିକାଶ କୁ ନେଇ ସୁନାବେଡା ମୁନିସପାଲଟିର ଅଭିନବ ପ୍ରୟାସ। ୧୦ ଟଙ୍କା ମୂଲ୍ୟରେ ମିଳୁଛି ସମୟ ବିହୀନ ଆମୋଦପ୍ରମୋଦର ମସ୍ତି। ହାଲ କାରଖାନାର ଫାଟକ ନିକଟରେ ବିଜୁ ପଟ୍ଟନାୟକ ଶିଶୁଉଦ୍ୟାନ ନାମରେ ଖୋଲାଯାଇଥିବା ପାର୍କ ଶିଶୁମାନଙ୍କ ବିକାଶରେ ଆଣିଛି ଉନ୍ନତି। ଏହିଭଳି ଉଦ୍ୟମ କରାଯାଇଥିବା ଦେଖିବାକୁ ମିଳିଛି, କିନ୍ତୁ ଏଥିରେ ଆମୋଦ ସାଙ୍ଗକୁ କିଛି ବ୍ୟବସାୟିକ ହିସାବରେ କିଛି ବ୍ୟତ୍ରିକ୍ରମ ହେଉଥିବା ପରିଦର୍ଶକର ଅଭିଭାବକମାନଙ୍କ ମହଲରେ ଆଲୋଚନା ପାଲଟିଛି।

ରାଜ୍ୟ ସରକାରଙ୍କ ସ୍ଥାନୀୟ ସୌନ୍ଦର୍ଯ୍ୟକରଣକୁ ନେଇ ବିଭିନ୍ନ ସ୍ଥାନମାନଙ୍କରେ ଶିଶୁ ଉଦ୍ୟାନ ନାମରେ ପାର୍କ ଖୋଲା ଯାଇଛି। କିନ୍ତୁ




ଅପରପକ୍ଷରେ ଦେଖିବାକୁ ଗଲେ ବହୁ ସ୍ଥାନରେ ପାର୍କ ଗୁଡିକ ଅଚଳ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି ତ କେଉଁଠି ପାର୍କରେ ଲାଗିଥିବା ଜିନିଷ ମଧ୍ୟ ଚୋରି ହୋଇ ଗଲାଣି। ରାଜ୍ୟ ସରକାର ବିକାଶ କୁ ନେଇ ଅର୍ଥ ମୁର କରିଲେ ସତ କିନ୍ତୁ ସ୍ଥାନୀୟ ପ୍ରଶାସନର ଅବହେଳାକୁ ନେଇ ତାହା ବର୍ତମାନର ଅବସ୍ଥା ଶୋଚନୀୟ ହେବା ସହ ରାଜ୍ୟ ସରକାରଙ୍କ ବିକାଶକୁ ବଦନାମ କରବାକୁ ଅଧିକାରିପଛାଉ ନଥିଲା ଭଳି ମନେ ହେଉଛି । ସୁନାବେଡା ମୁନିସପାଲଟି ଅଧିନରେ ଥିବା ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ରେ ଜଣକୁ ପ୍ରବେଶ ଶୁଳ୍କ ମାତ୍ର ୧୦ ଟଙ୍କା ରହିଛି। ପ୍ରବେଶ ପରେ ପ୍ରସ୍ଥାନର ସମୟ ନାହିଁ। ଖୋଲା ହେବା ଠାରୁ ବନ୍ଦ ହେବା ପର୍ଯ୍ୟନ୍ତ ମନୋରଂଜନ ର ବ୍ୟବସ୍ଥା ରହିଛି। ଏହାକୁ ନେଇ ପାର୍କ ରେ ପ୍ରାୟ ସବୁ ସମୟରେ ଖଚାଖଚ ପିଲା ଭରି ରହୁଥିବା ଦେଖିବାକୁ ମିଳି ଥିଲା। ପାର୍କରେ ଶିଶୁଙ୍କ ମନୋ ରଂଜନ କୁ ନେଇ ବିଭିନ୍ନ ପ୍ରକାର ଖେଳ ସାମଗ୍ରୀର ବ୍ୟବସ୍ଥା କରାଯାଇଛି ଓ ଏହା ସହିତ ପିଲାମାନେ ଖୁବ ମନୋରଂଜନ କରୁଛନ୍ତି । ସୌନ୍ଦର୍ଯ୍ୟକରଣକୁ ଗଢି ଉଠିଥିବା ପାର୍କରେ ୱାଟର ଫ୍ରେମ ଟି ବନ୍ଦ ରହିଥିବା ନେଇ ପରିଦର୍ଶକ ମାନଙ୍କ ମନୋ ରଂଜନରେ ବ୍ୟତିକ୍ରମ ହେଉଥିବା ମଧ୍ୟ ନଜର କୁ ଆସିଛି। ସେଠାରେ ଉପସ୍ଥିତ କିଛି କର୍ମଚାରିଙ୍କୁ ପଚାରିବାରେ ସେ କହିଥିଲେ ଯେ, ବ୍ୟବସାୟକୁ ନେଇ ପକାଯାଇଥିବା ଟୟ ଟ୍ରେନ ଚାଲୁ ଥିବା ରୁ ନିମ୍ନ ମାନର ବିଦ୍ୟୁତ ସଂଚାଳନକୁ ନେଇ ବନ୍ଦ ରହିଛି। କିନ୍ତଏହା ଦ୍ୱାରା ସୌନ୍ଦର୍ଯ୍ୟକରଣ ନଷ୍ଟ ହେବାରେ ଲାଗିଛି। ଏହାକୁ କତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ସିରିଜ୍ ଦୁର୍ଘଟଣାରେ ୭ ଆହତ

**କୋଇଡା, ୮।୧୦ (ନି.ପ୍ର) :** ସୁନ୍ଦରଗଡ଼ ଜିଲ୍ଲା କେ ବଲାଙ୍ଗ ଥାନା ଅନ୍ତର୍ଗତ ରକ୍ସି ରେଲୱେ ଫାଟକ ନିକଟରେ ସିରିଜ ଦୃଘଟଣା। ସୂଚନାରୁ ପ୍ରକାଶ ଜେ ୫୨୦ ଜାତୀୟ ରାଜପଥ ରେ ରକ୍ସି ସ୍ଥିତ ରେଲୱେ ଫାଟକ ଗେଟ ବନ୍ଧ ଥିବା ବେଳେ ଉଭୟ ପାର୍ଶ୍ୱରେ ଗାଡି ଅଟକି ରହିଥିଲା। କୋଇଡା ଆଡୁ ରାଉରକେଲା



ଯାଉଥିବା ଏକ ଲୁହା ପଥର ବୋଝେଇ ହାଇୱା ଗାଡି ଦ୍ରୁତ ଗତିରେ ଜାଇ ସମ୍ମୁଖ ରେ ଥିବା ଟ୍ରକ, କାର, ଟେମ୍ପୁ, ବାଇକ ଆରୋହୀ, ସମସ୍ତଙ୍କୁ ଏକ ସଙ୍ଗେ ଦୃଘଟଣା ଘଟାଇ ଥିଲା। ଏହି ଦୃଘଟଣାର ୭ ଜଣ ଆହତ ହୋଇଥିଲେ। ପୂର୍ବରୁ ଏହି ରାସ୍ତାରେ ବାରମ୍ବାର ଦୃଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି। ଆହତ ମାନଙ୍କୁ ପ୍ରଥମେ କେ ବଲାଙ୍ଗ ଡାକ୍ତରଖାନା ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବାର ସୂଚନା ରହିଛି। ମାତ୍ର ୧୫ ଦିନ ପୂର୍ବରୁ ସେହି ନିକଟରେ ବସ୍ ଦୁର୍ଘଟଣା ରେ ୬ ଜଣକ ଜୀବନ ଯାଇଥିଲା।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

### ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଅଯୋଗ୍ୟଙ୍କୁ ନିଯୁକ୍ତି : ଯୋଗ୍ୟ ବଂଚିତ

ରାଜ୍ୟରେ ବାରମ୍ବାର ନିଯୁକ୍ତି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଏବଂ ଏଥିରେ ବ୍ୟାପକ ଅର୍ଥ କାରବାର, ପରୀକ୍ଷା ବାତିଲ ଘଟଣା ଆଦି ରାଜ୍ୟରେ ସରକାରୀ ଚାକିରୀ ବିକ୍ରି ହେଉଥିବା ନେଇ ସ୍ପଷ୍ଟ ସଂକେତ ପ୍ରଦାନ କରୁଛି । ଯାହାର ପରିଣତି ସ୍ୱରୁପ ମେଧାବୀ ତଥା ଯୋଗ୍ୟ ଛାତ୍ରଛାତ୍ରୀ, ଯୁବକଯୁବତୀ ସରକାରୀ ଚାକିରୀ ପାଇବାରୁ ବଂଚିତ ହେଉଥିବାବେଳେ ମୋଟା ଅଙ୍କର ଲାଂଚ ଦେଇପାରୁଥିବା ଅଯୋଗ୍ୟ ଚାକିରି ପାଇବାରେ ସକ୍ଷମ ହେଉଛନ୍ତି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ । ବିନା ଲାଂଚରେ ଚାକିରି ମିଳେ ନାହିଁ, ଏଭଳି କଥା ଆମେ ହେତୁ ପାଇବା ଦିନଠାରୁ ଶୁଣି ଆସିଛୁ । କହିବା ବାହୁଲ୍ୟ ଯେ, ଦେଶରେ ତଥା ଆମ ରାଜ୍ୟରେ ବେକାରୀ ସମସ୍ୟା ଯାହା, ସେଥିରେ ଚତୁର୍ଥ ଶ୍ରେଣୀ ପିଅନ ଚାକିରିଟିଏ ପାଇଁ ଏମବିଏ, ପିଏଚଡି ଡିଗ୍ରୀଧାରୀ, ଆବେଦନ କରିବାକୁ କୁଣ୍ଠାବୋଧ କରୁନାହାଁନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଯୁକ୍ତି ମେଳା, ଜରିଆରେ ଯେତିକି ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ରିପୋର୍ଟ ପ୍ରକାଶ ପାଇଛି ଯେ, ଗତ ୧୫ମାସରେ ମଧ୍ୟରେ ୧୬ଟି ନିଯୁକ୍ତି ପରୀକ୍ଷା ବାତିଲ ହୋଇଛି । ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷା ବାତିଲ କରାଯାଇଛି । ଗତ କିଛି ମାସ ମଧ୍ୟରେ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା, ରାଜସ୍ୱ ନିରୀକ୍ଷକ (ଆରଆଇ), ଅମିନ, ଆସିଡଏସ, ସୁପରଭାଇଜର, ଓଡିଶା ଶିକ୍ଷକ ସାମର୍ଥ୍ୟ ପରୀକ୍ଷା (ଓଟିଇଟି) ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବାତିଲ ହୋଇଥିବା ଏବେ ପୋଲିସ ଏସଆଇ ନିଯୁକ୍ତି ପରୀକ୍ଷା ବାତିଲ ସମଗ୍ର ରାଜ୍ୟରେ ଉଭୟ ରାଜନୈତିକ ସ୍ତରରେ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଆଲୋଡନ ସୃଷ୍ଟି କରିଛି । ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଏବଂ ଆନ୍ଧ୍ରରୁ ଶ୍ରୀକାକୁଳମରୁ ୧୧୭ ଜଣ ପରୀକ୍ଷାର୍ଥୀ ଗିରଫ ହେବା ଘଟଣା ଏଥିରେ ଦୁର୍ନୀତିର ଗଭୀରତାକୁ ପ୍ରମାଣିତ କରୁଛି । କୁହାଯାଇଛି ଯେ, ଗିରଫ ପ୍ରତି ପରୀକ୍ଷାର୍ଥୀଙ୍କ ଠାରୁ ଆଗୁଆ ୧୦ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିବାବେଳେ ନିଯୁକ୍ତି ପରେ ଆଉ ୧୫ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିଲା । ଗୋଟିଏ ପୋଲିସ ଏସଆଇ ଚାକିରୀ ୨୫ଲକ୍ଷ ଟଙ୍କାରେ ବିକ୍ରୀ ପାଇଁ ମୂଲଚାଲ ହୋଇଥିଲା । ଅଗ୍ରୀମ ୧୦ଲକ୍ଷ ଟଙ୍କା ଲେଖାଏଁ ଦେଇଥିବା ଚାକିରି ଆଶାୟୀଙ୍କୁ ପୂର୍ବରୁ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଏବଂ ତାଲିମ ଦେବା ପାଇଁ ଆନ୍ଧ୍ରପ୍ରଦେଶକୁ ନିଆଯାଉଥିଲା ବୋଲି କୁହାଯାଏ । ବର୍ତ୍ତମାନର ସରକାର ଦୁର୍ନୀତି ପ୍ରତି ଶୂନ ସହନଶୀଳତ ଥିବା ଡିଣ୍ଡିମ ପିଟୁଥିବା ବେଳେ ଏଥିରେ ପଦସ୍ଥ ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ଅସ୍ୱୀକାର କରାଯାଇନପାରେ । ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରୁଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୨୧ଜଣଙ୍କୁ ଗିରଫ କରିଥିବା ଦାବି କରିଛି । ଗିରଫଙ୍କ ମଧ୍ୟରେ ୧୧୭ଜଣ ପରୀକ୍ଷାର୍ଥୀ ଥିବାବେଳେ ୪ଜଣ ଦଲାଲ (ମଧ୍ୟସ୍ଥି) ଅଛନ୍ତି । କିନ୍ତୁ କୌଣସି ବଡବଡିଆ ଅଧିକାରୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଗିରଫଙ୍କ ମଧ୍ୟରେ ନାହାଁନ୍ତି । ସେହିପରି ପୋଲିସ ଏସଆଇ ନିଯୁକ୍ତି କ୍ଷେତ୍ରରେ ପ୍ରଶାସନିକ ଷଡଯନ୍ତ୍ରକୁ ଅଣଦେଖା କରାଯାଇନପାରେ । ରାଜ୍ୟରେ ତିନୋଟି ପ୍ରମୁଖ ସରକାରୀ ନିଯୁକ୍ତି ସଂସ୍ଥା ତଥା ଓଡିଶା ଲୋକସେବା ଆୟୋଗ, ଓଡିଶା ଷ୍ଟାଫ୍ ସିଲେକସନ୍ କମିଶନ ଏବଂ ଓଡିଶା ସବ୍‌ଅର୍ଡିନେଟ ଷ୍ଟାଫ ସିଲେକସନ୍ ସଂସ୍ଥା ଥିବାବେଳେ ଓଡିଶା ପୋଲିସ ନିଯୁକ୍ତି ବୋର୍ଡର ତୃତୀୟ ପକ୍ଷ ତଥା ଘରୋଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ସନ୍ଦେହ ଘେରକୁ ଠେଲି ଦେଇଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଷଡଯନ୍ତ୍ର ସ୍ପଷ୍ଟ ବାରି ହୋଇପଡୁଛି ବୋଲି କୁହାଯାଇପାରେ । ନିକଟରେ ରାଜ୍ୟରେ ଶିକ୍ଷକ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷାର ଠିକ୍ ପୂର୍ବ ରାତିରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ହଠାତ ବାତିଲ କରାଯାଇଥିଲା । ଏହି ଘଟଣାରେ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଉପସଭାପତିଙ୍କ ସହ କେତେକ ଅଫିସର ଓ ଶିକ୍ଷକଙ୍କୁ ଗିରଫ କରାଯାଇଥିଲା । ସେମାନେ ଏବେ ଜେଲରେ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ବାରମ୍ବାର ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ଦୁର୍ନୀତିକୁ ରୋକିବା ତଥା ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ବିଶ୍ୱସନୀୟ କରିବା ପାଇଁ ସରକାର 'ଓଡିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନର ନିବାରଣ) ଆଇନ-୨୦୨୪ ପ୍ରଣୟନ କରିଛନ୍ତି । ଆଇନରେ ୫ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦଣ୍ଡବିଧାନ ରହିଛି । ରାଜ୍ୟରେ କଠୋର ଆଇନ ଥିବା ସତ୍ୱେ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ କମିବା ପରିବର୍ତେ ବଢିଚାଲିଛି । ଯାହାକି ନିକଟରେ ଦୁଇଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଘଟଣା ପ୍ରମାଣିତ କରେ । ଆଇନ ପ୍ରଣୟନ ହେବାର ଇତିମଧ୍ୟରେ ୧୦ମାସ ବିତିଗଲାଣି, କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ ପାଇଁ କେତେଜଣଙ୍କୁ ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି । ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱଭାବିକ । ପୋଲିସ ଏସ.ଆଇ ନିଯୁକ୍ତି ପରୀକ୍ଷା ବାତିଲର ବିଚାର ବିଭାଗୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର ଦଣ୍ଡବିଧାନ ଆବଶ୍ୟକ । ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତି ଘଟିବା ସହ ଯୋଗ୍ୟ ମେଧାବୀଙ୍କ ମଧ୍ୟରେ ନୂତନ ଆଶା ସଂଚାର କରିବାରେ ସହାୟକ ହେବ । ଅନ୍ୟଥା ଟଙ୍କା ବଳରେ ଅଯୋଗ୍ୟ ନିଯୁକ୍ତି ପାଇବା ଏବଂ ଯୋଗ୍ୟ ବଂଚିତ ହେବା ସାର ହେବ ।

# ଗୋପବନ୍ଧୁ ଦୀନବନ୍ଧୁ

**(ଇନ୍ଦୁ ଭୂଷଣ ଭୂୟାଁ) ବାଦଲ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ । ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା । ଗୋପବନ୍ଧୁ ଥିଲେ ରୂପାଦେଈପୁର ଭର୍ଣ୍ଣାକୁଳାର ସ୍କୁଲର ଛାତ୍ର । ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ । ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ । ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ ।' ପଣ୍ଡିତଙ୍କ କଥା ସତ ହେଲା । ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା । ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ । ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ । ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା । ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ଠାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ । ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି । ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ । ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ । ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ ।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର । ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି । ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ । କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ । ଗାଁ ଗାଁ ବୁଲି



ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟୁଥିଲେ । ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ । ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ । କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ । ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା । ୧୯୨୩ ବେଳର କଥା । ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ । ନାମ ଓ ସଞ୍ଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା । ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି । ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା । ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁବ ଲୋପ ପାଇବା ଉପରେ ଥିଲା । କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ । ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା । ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଲିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ ।

ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ । କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ । ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି । ମୁଁ ସେଥିରେ ମର୍ମାହତ । ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି । ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ୍ୟ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ । ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ ।

ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତ୍ତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ । ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫, E-mail : badal009bhuyan@gmail.com

# କଳିଙ୍ଗା ଘାଟିର ଭୂବିପର୍ଯ୍ୟୟ : ପ୍ରକୃତିର ପ୍ରତିଶୋଧ

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ଓଡ଼ିଶାର ଭୂସ୍ୱର୍ଗ କାଶ୍ମୀର କୁହାଯାଉଥିବା ପ୍ରାକୃତିକ ବିଭବର ଅନନ୍ୟ ଗନ୍ତାଘର ଓଡ଼ିଶାର ଦକ୍ଷିଣ ଅଂଶର ମୁଖ୍ୟ ଭାଗକୁ ଯୋଡିଥିବା କଳିଙ୍ଗା ଘାଟି ଏବେ ଭୟଙ୍କର ବିପର୍ଯ୍ୟୟକୁ ସାମ୍ନା କରୁଛି । ଲଗାଣ ବର୍ଷା ଓ ଭୂସ୍ଖଳନ ପାଇଁ ରାସ୍ତା ବିପର୍ଯ୍ୟସ୍ତ ହେବା ସହ ଘାଟି ରାସ୍ତା ଛାରଖାର ହୋଇଯାଇଛି । ଏହି ପୃଷ୍ଠଭୂମିରେ ଆମେ ଏଠାରେ ଉଲ୍ଲେଖ କରୁଛୁକି ଯେ, ନିଜର ଜୀବନ ଅନୁକୂଳ ବାତାବରଣ ପାଇଁ ପୃଥିବୀରେ ମାନବ ସଭ୍ୟତାର ସୃଷ୍ଟି । ସମସ୍ତ ବିପଦ ଆପଦକୁ ମୁକାବିଲା କରି ସଭ୍ୟତାର ବିକାଶ ସହ ପୃଥିବୀର ଭୌଗୋଳିକ ଆଉ ପାଣିପାଗ ଅନେକ ବିପଦ ଆପଦ ଓ ଦୈବଦୁର୍ବିପାକ ସଂଗଠିତ କରିଥାଏ । ଏହା ଭିତରୁ କିଛି ପ୍ରାକୃତିକ ଆଉ କିଛି ମାନବକୃତ ହୋଇଥାଏ । ବିଗତ କିଛି ଦିନ ଜଳବାୟୁ ଜନିତ ଦୁର୍ବିପାକରେ ଓଡ଼ଶାବାସୀ ଯଥାସମ୍ଭବ ନିଜକୁ ବଞ୍ଚାଇବା ସହ ପ୍ରକୃତିର ଭାରସାମ୍ୟ ରକ୍ଷା ପାଇଁ ଉଦ୍ୟମ କରୁଛନ୍ତି । ତେବେ ଚଳିତ କନ୍ଧମାଳର କଳିଙ୍ଗା ଘାଟିର ଭୂସ୍ଖଳନ ଏକ ନିଶ୍ଚିନ୍ତ ଭାବେ ସମ୍ବେଦନଶୀଳ ଘଟଣା । ଗତ ସେପ୍ଟେମ୍ବର ୧୬ ତାରିଖରୁ ଏହି ଭୂସ୍ଖଳନ ଆରମ୍ଭ ହୋଇଥିଲା । ଏଠାରେ ସୂଚୀତ କରାଯାଇପାରେ ପୂର୍ବରୁ ବିଧିବଦ୍ଧ ଭାବେ ପକ୍କା ସଡ଼କ ନିର୍ମାଣ ହୋଇ ପ୍ରଶସ୍ତ ରାସ୍ତାଟି ନୟାଗଡ଼, ଗଞ୍ଜାମ ଜିଲ୍ଲାକୁ କନ୍ଧମାଳ ସହ ସଂଯୋଗ କରିଛି । ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବନ ବିଭଗ, ମୃତ୍ତିକା ସଂରକ୍ଷଣ ବିଭାଗ, ରାସ୍ତା ନିର୍ମାଣ ବିଭାଗ ତଥା ରାଜସ୍ୱ ବିଭାଗ ଦ୍ୱରା ସମ୍ପାଦିତ ହେଉଛି । ବିଗତ ଦିନରେ ଏହି ଅଞ୍ଚଳରେ ବନାଗ୍ନି ସହିତ ଚୋରା କାଠ ବେପାର ଯୋଗୁ ବନର ଘନତ୍ୱ ଯଥେଷ୍ଟ କମିବାରେ ଲାଗିଛି । ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା ଏହି ଅଞ୍ଚଳ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି । ଯୋଗାଯୋଗ ବ୍ୟବସ୍ଥା ପାଇଁ ରାସ୍ତା ପ୍ରଶସ୍ତିକରଣର ନିହାତି ଆବଶ୍ୟକତା ରହିଛି । କିନ୍ତୁ ଏ ନେଇ ବୈଜ୍ଞାନିକ ପଦ୍ଧତି ଦ୍ୱାରା ମାନବକୃତ ତ୍ରୁଟିକୁ ସମୀକ୍ଷା କରାଯିବା ଉଚିତ । ଏହା ପୂର୍ବରୁ ଉତ୍ତରାଖଣ୍ଡ ଓ କେରଳର ୱେଏନାଡ଼ ଅଞ୍ଚଳର ଭୟାବହ ବିପର୍ଯ୍ୟୟକୁ ଆମେ ଦେଖିଛେ ।

ବାଦଲ ଫଟା ବର୍ଷା । ଭୟଙ୍କର ଭୂସ୍ଖଳନ, ବନ୍ୟା ବିଭୀଷିକା । ପୋଛି ନେଉଛି ଗାଁ, ରାସ୍ତା ଅବରୋଧ କରୁଛି ପାହାଡ଼ ଧସା ପଥର । କଳିଙ୍ଗା ଘାଟିରେ ଯାତାୟତ ବନ୍ଦ । ଗତ ତିନି ମାସ ହେବ ଏମିତି ଘଟଣା ସବୁ ପାଲଟିଛି ବଡ଼ ଖବର । ଓଡ଼ିଶା ସମେତ କିଛି ରାଜ୍ୟରେ ପ୍ରକୃତିର ଏଭଳି ରାଗ ମିଜାଜ୍ ଜିନ୍ତା ବଢ଼ାଇଛି । କ୍ରମାଗତ ଭାବେ ଏଭଳି ଘଟଣା କ'ଣ ମଣିଷ ଉପର ପ୍ରକୃତିର ପ୍ରତିଶୋଧ ? ଆମେ ନିୟମିତ ଜଙ୍ଗଲ କାଟୁଛୁ । ମନଇଛା ପାହାଡ଼ ଖୋଳୁଛୁ । ଭଲ ମନ୍ଦ କି ଆଗତ ଭବିଷ୍ୟତ ବିଚାର ନାହିଁ । ରାତି ପାହିଲେ ପ୍ରକୃତି ଉପରେ ଆମର ନିର୍ଦ୍ଦୟ ଅତ୍ୟାଚାର । ଲକ୍ଷ୍ମଣରେଖା ମାନୁଛି ବା କିଏ ? ଆମ ଶୋଷଣ ଓ ଅତ୍ୟାଚାର ଢ଼େର ମଥାପାତି ସହିଲା ପ୍ରକୃତିରାଣୀ । ଲାଗୁଛି ଏବେ ପୁରା ରାଗି ପାଚି ଲାଲ । କଡ଼ାଗଣ୍ଡା ପ୍ରତିଶୋଧ ନେବାକୁ ଅଣ୍ଟା ଭିଡ଼ିଛି । ପ୍ରକୃତିର ଯେଉଁ ଜମି, ଜଙ୍ଗଲ ଛଡ଼ାଇ ନେଇ ଆମେ ଆକାଶଛୁଆଁ କୋଠା, ସପିଂ ମଲ ଛିଡ଼ା କରାଇଥିଲୁ, ପାଣିର ଝଡ଼କାରେ ସବୁ ମାଟିରେ ମିଶିଛି । ସତେ ଯେମିତି ଆମଠୁ ନିଜ ଜମି ପୁଣି ଛଡ଼ାଇ ନେଇଛି ପ୍ରକୃତି । ବାଦଲ ଓ ନଦୀ ଆମକୁ ନାଲିଆଖି ଦେଖାଉଛି । ସହର ଭାସୁଛି କିନ୍ତୁ ହସୁଛି ପ୍ରକୃତି ।

ବାସ୍ତବରେ ପ୍ରକୃତି ଆମର ପରୀକ୍ଷା ନେଉଛି । ଆମକୁ ଏଣିକି ପ୍ରକୃତି ଅନୁକୂଳ ମନୋଭାବ ନେଇ ଜୀବନ କାଟିବାର ସମୟ ଆସିଛି । ପରିବେଶବିତଙ୍କ ଅଭିଯୋଗ, ନଦୀନାଳ ପରେ ଏବେ ମଣିଷ ପାହାଡ଼ ଉପରେ ଆଖି ପକାଇଛି । ଅଟ୍ଟାଳିକା, ହୋଟେଲ, ରେସ୍ତୋରାଁରୁ ଶିଳ୍ପ ପ୍ରକଳ୍ପ ମଧ୍ୟ ପାହାଡ଼ ତାଡ଼ି ନିର୍ମାଣ କରୁଛି । ପାହାଡ଼ର ସବୁଜିମା ଉପରେ ଜବରଦଖଲ କରି ନିଜର ଲୋଭ ପୂରଣ କରୁଛି । ଆମକୁ ପ୍ରକୃତିକ ଦେଇଛି ଅନେକ କିଛି । ବିସ୍ତୀର୍ଣ୍ଣ ବେଳାଭୂମି, ବହୁ ନଦୀ, ଝରଣା, ଘଞ୍ଚ ଜଙ୍ଗଲ ସହ ପାହାଡ଼ ପର୍ବତ ଆମ ଦେଶର ବଡ଼ ସମ୍ପଦ । ମାତ୍ର ମଣିଷର ଲୋଭ ପାଇଁ ଜୈବ ସନ୍ତୁଳନ ଏବେ ବିଗିଡ଼ିବାକୁ ବସିଛି । ମାଡ଼ି ଆସିଲାଣି ଭୟଙ୍କର ବିପଦ । ଆମ ଲୋଭରୁ ଆମେ ଏବେ ବିପଦର ଯନ୍ତାରେ । ଏ ବୁଢ଼ିଆଣୀ ଜାଲରୁ କେମିତି ମିଳିବ ମୁକ୍ତି ? କନ୍ଧମାଳର କଳିଙ୍ଗା ଘାଟି ଭୟ ଦେଖାଇଲାଣି । ଦୁଇ ଦୁଇଥର ଭୂସ୍ଖଳନରୁ ରାସ୍ତାରେ ପାହାଡ଼ର ଅତଡ଼ା । କନ୍ଧମାଳ ଜିଲ୍ଲାର ଜୀବନରେଖାରେ ଯାତାୟତ ବନ୍ଦ । କଳିଙ୍ଗାଘାଟିର ଭୂସ୍ଖଳନ ମନରେ ଛନକା ପୁରାଇଛି । ମନକୁ ପାପ ଛୁଉଁଛି । ଓଡ଼ିଶାରେ ଉତ୍ତରାଖଣ୍ଡ ଭଳି ସ୍ଥିତି କେବେ ଆସିବ କି ? ବଦଳିଛି ଫୁଲବାଣୀ-ଗଞ୍ଜାମକୁ ସଂଯୋଗ କରୁଥିବା କଳିଙ୍ଗା ଘାଟି ରାସ୍ତାର ଚିହ୍ନବର୍ଣ୍ଣ । ଏ ଘାଟିରେ ପୂର୍ବରୁ ଅନେକ ଥର ପଥର ଧସିଛି । ମାତ୍ର ଏଥର ଅପେକ୍ଷାକୃତ ବନ ବଡ଼ ପଥର ଧସିଛି । ୨୦୧୩ କେଦାରନାଥରେ ବାଦଲ ଫଟା ବର୍ଷା ନିର୍ଦ୍ଦୟ ଭାବେ ଛଅ ହଜାର ମଣିଷଙ୍କ ଜୀବନ ନେଇଥିଲା । କେରଳରେ ବାଦଲ ପଟା ବିପ୍ରାତ ମନେ ପଡ଼ିଲେ ଭୟ ଗୋଡ଼ାଉଛି । ପ୍ରକୃତିର ପ୍ରକୋପ ଆଗରେ ମଣିଷ ଅସହାୟ ହୋଇ ହାତ ଟେକି ଦେଇଥିଲା । ତଥାପି ବୃଦ୍ଧି ପଶିଲାନି । ଯେମିତି କର୍ମ ସେମିତି ଫଳ । ଗାତ ଖୋଳୁଛୁ । ସେଇ ଗାତର ନିଜେ ପଡୁଛୁ । ନିଜ ଗୋଡ଼ରେ ନିଜେ କୁରାଢ଼ି ମାରୁଛୁ । ପ୍ରକୃତି ଦେଖାଉଛି କରାଳ ରୂପ । ଲୋଭ ଓ ମୋହରୁ ଆମର ମୁକ୍ତି ବା କାହିଁ ?

ପ୍ରାକୃତିକ ବିପର୍ଯ୍ୟୟ, ଭୂସ୍ଖଳନ ଓ ବିଭିନ୍ନ ଜାଗତିକ ଅଘଟଣ ଭିତରେ ଏହିଟା ସତ୍ୟ ଯେ ଆମେ ଯେଉଁ ପ୍ରଦୂଷଣ କରୁଛୁ ଏହା ଆମ ଭୂତଳ ଜଳ, ମାଟି, ନଦୀ, ସମୁଦ୍ର ଏପରିକି ଆମ ଶରୀରକୁ ବିଷାକ୍ତ କରିସାରିଛି । ଏସବୁ ଭିତରେ ଆମ ଜୀବନ ଶୈଳୀର ପ୍ରମୁଖ ଅଙ୍ଗ ପାଲଟିଥିବା ପ୍ଲାଷ୍ଟିକ କଥାକୁ ମଧ୍ୟ ଆଲୋଚନାରେ ସ୍ଥାନିତ କରାଯାଉ । ବହୁମୁଖିକା, ସ୍ଥାୟିତ୍ୱ ଓ କମ ଖର୍ଚ୍ଚ କାରଣରୁ ପ୍ୟାକେଜିଂ ଠାରୁ ନିର୍ମାଣ, ସ୍ୱାସ୍ଥ୍ୟ ସେବାଠାରୁ ପରିବହନ ପ୍ରତି କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର ଦେଖାଦେଇଛି । ୧୯୫୦ ମସିହାରେ ପ୍ଲାଷ୍ଟିକ ସମାଗ୍ରୀର ଉତ୍ପାଦନ ଦୁଇ ମିଲିୟନ ମେଟ୍ରିକ ଟନ ଥିବାବେଳେ ୨୦୨୪ ମସିହାରେ ଏହାର ପରିମାଣ ହେଉଛି ୪୬୦ ମିଲିଅନ ମେଟ୍ରିକ ଟନ । ତେବେ ସବୁଠାରୁ ବଡ଼ କଥା ହେଉଛି ପ୍ଲାଷ୍ଟିକର ବ୍ୟାପକ ପ୍ରଦୂଷଣ ସମାଜର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କୁହାଯାଉଥିବା ସବୁଜ ବନାନୀ ଓ ପାର୍ବତ୍ୟାଞ୍ଚଳ ତଥା ଘାଟି ରାସ୍ତା ପାଇଁ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହେଉଛି ।

ପାହାଡ଼ ଉପରେ ସେଲଫି ପଏଣ୍ଟରେ ସେଲଫି ନେଉଛୁ । ରିଲସ କରୁଛୁ । ନିଜକୁ ଶାନ୍ତ କରିବାକୁ ପ୍ରକୃତି କୋଳକୁ ଧାଇଁ ଯାଉଛୁ । ହେଲେ ନିର୍ଦ୍ଦୟ ଭାବେ ସେଇ ପ୍ରକୃତିକୁ ଅଶାନ୍ତ କରି ଚାଲିଛୁ । ପ୍ରକୃତି ଜମି ଆମେ ଛଡ଼ାଇ ନେଇ ଅଟ୍ଟାଳିକା ଛିଡ଼ା କରୁଛୁ । ପ୍ରକୃତି ଇଟାର ଜବାବ ପଥରେ ଦେଉଛି । ଭୂସ୍ଖଳନ, ଭୀଷଣ ବନ୍ୟାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଘର ମାଟିରେ ମିଶୁଛି । ମଣିଷଙ୍କ ଜୀବନ ବି ଯାଉଛି । ପ୍ରକୃତି ସତେ ଯେମିତି ରାଣ ନିୟମ ଖାଇଛି, ଆମଠାରୁ ତା' ଜମି ଫେରାଇ ନେବ । କଳେ ବଳେ ବା କୌଶଳେ । ଜଳବାୟୁ ଜାରି କରିଛି ଜରୁରୀ ପରିସ୍ଥିତି । ପ୍ରାକୃତିକ ବିପର୍ଯ୍ୟୟ, ପ୍ରବଣ ରାଜ୍ୟ ଓଡ଼ିଶା । ପ୍ରାୟ ପ୍ରତିବର୍ଷ ଆମକୁ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼େ । ଭୂସ୍ଖଳନ ବିପଦର ମୁକାବିଲା ପାଇଁ ସ୍ୱଳ୍ପକାଳୀନ ନୁହେଁ ଦୀର୍ଘମିଆଦି ଯୋଜନା ଲୋଡ଼ା । ବ୍ୟାପକ ଖଣି ଓ ପଥର ବ୍ଲାଷ୍ଟିଂ ବନ୍ଦ ନହେଲେ ଭୂସ୍ଖଳନ ବିପଦ ବଢ଼ିବ । ସରକାରୀ ସ୍ତରରେ ଯେତିକି ପଦକ୍ଷେପ ନିଆଯିବ, ତା'ଠୁ ଅଧିକ ସଚେତନ ଆମକୁ ହେବାକୁ ପଡ଼ିବ । ଆମର ଅଭାବକୁ ନିୟନ୍ତ୍ରଣ କରିବାକୁ ହେବ । ପାହାଡ଼ରୁ ମନଇଛା ଗଛକଟା ରୋକିବା । ପ୍ରକୃତି ଉପରେ ଆମେ ଅତ୍ୟାଚାରରେ ତାଲା ମାରିବା । ଆସନ୍ତୁ ସୁରକ୍ଷିତ ଜୀବନ ପାଇଁ ପ୍ରକୃତିର ସୁରକ୍ଷା ପାଇଁ ଶପଥ ନେବା ।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭, E-mail : drbichitranandaacharya@gmail.com

# ବିଶ୍ୱ ଜଳାନ୍ତକ ଦିବସ

**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**

ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ ବିଶ୍ୱ ଜଳାତଙ୍କ ଦିବସ ବା ୱାର୍ଲ୍ଡ଼ ରାବିଜ ଡେ ଭାବେ ପାଳନ କରଯାଇଥାଏ । ଆଜିର ସମୟରେ ଅତ୍ୟନ୍ତ ଜରୁରୀ ଓ ଜୀବନକୁ ସଙ୍କଟାପନ୍ନ କରୁଥିବା ଜଳାନ୍ତକ ରୋଗର ନିବାରଣ ତଥା ଏ ନେଇ ସମସ୍ତଙ୍କ ଭିତରେ ସଚେତନତାର ବାର୍ତ୍ତା ସୃଷ୍ଟି କରିବା ଓ ଏହି ଜଟିଳ ଓ ଭୟଙ୍କର ରୋଗକୁ ପରାଜିତ କରିବା ପାଇଁ ସ୍ୱାସ୍ଥ୍ୟଗତ ବିଭିନ୍ନ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରତି ବର୍ଷ ସମଗ୍ର ବିଶ୍ୱରେ ସେପ୍ଟେମ୍ବର ୨୮କୁ ବିଶ୍ୱ ଜଳାନ୍ତକ ଦିବସ ଭାବେ ପାଳନ କରାଯାଏ । ଏହି ଭୟାବହ ଓ କଷ୍ଟଦାୟକ ରୋଗ ପାଇଁ ଆରୋଗ୍ୟର ନୂଆ ଜୀବନ ସୃଷ୍ଟି କରୁଥିବା ଫ୍ରାନ୍ସର କେମିଷ୍ଟ ଓ ଜୀବାଣୁତତ୍ତ୍ୱବିତ୍ ଲୁଇସ୍ ପାଷ୍ଟିଉର୍‌ଙ୍କ ତିରୋଧାନକୁ ମଧ୍ୟ ବିଶ୍ୱ ଜଳାନ୍ତକ ଦିବସ ଭାବେ ପାଳନ କରାଯାଏ । ଜଳାତଙ୍କ ରୋଗ ଏକ ଭୂତାଣୁ ରୋଗ ଯାହା ରୋଗୀର ମସ୍ତିଷ୍କ ଓ ସୁଷୁମ୍ନା କାଣ୍ଡକୁ ଆକ୍ରାନ୍ତ କରିଥାଏ । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ କୁକୁର, ବିରାଡ଼ି, ଗଧିଆ, ମାଙ୍କଡ, ବାଦୁଡ଼ି, ମୂଷା ମାନଙ୍କ ଲାଳରେ ନିଷ୍କାସିତ ହୋଇଥାଏ ଯାହା ଦ୍ୱାରା ଏମାନେ କାମୁଡ଼ିଲେ ହିଁ ଜଳାତଙ୍କ ରୋଗ ବ୍ୟାପିଥାଏ । କାମୁଡ଼ିବାର ୨୦ରୁ ୬୦ ଦିନ ଭିତରେ ଏହାର ଲକ୍ଷଣ ଦେଖାଯାଇଥାଏ । ସାମାନ୍ୟ ଜ୍ୱର, ଦେହହାତ ଘୋଳାବିନ୍ଧା, ତଣ୍ଟିରେ ଘାଆ ଏହାର ହେଉଛି ପ୍ରମୁଖ ଲକ୍ଷଣ । ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ କେବଳ ଟିଟାନାସ ଓ ଆଣ୍ଟିବାୟୋଟିକ ଦିଆଯାଏ । ପ୍ରଥମ ଜଳାନ୍ତକ ଟିକାର ବିକାଶ ସେ କରିଥିଲେ । ଜଳାନ୍ତକଜନିତ ମୃତ୍ୟୁକୁ ରୋକିବା ପାଇଁ ନିରାପଦ ଓ ପ୍ରଭାବଶାଳୀ ପଶୁ, ମାନବ ଟିକା ଆଜି ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ରୂପେ ଉଭା ହୋଇଛି । ଏଥିସହ ଏ ସମ୍ପର୍କିତ ସଚେତନତା ଅଭିଯାନ ମଧ୍ୟ ମୁଖ୍ୟ ଭୂମିକା ନିର୍ବାହ କରୁଛି । ମାନବ ସମୁଦାୟକୁ ଜଳାନ୍ତକରୁ ମୁକ୍ତ କରିବାରେ ଏହା ମୁଖ୍ୟ ଭୂମିକା ନିର୍ବାହ କରିଛି । ଆଜି ସମଗ୍ର ବିଶ୍ୱ ବିଶେଷକରି ସ୍ୱାସ୍ଥ୍ୟକ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପାଇଥିବା ଭାରତ ବର୍ଷରେ ଜଳାନ୍ତକ ଏବେ ବି ତାର ଭୟାନକ କାୟା ଦେଖାଇ ଚାଲିଛି । ଜଳାନ୍ତକର ଚିକିତ୍ସା ସାମାଜିକ ପ୍ରତିଷେଧକ ବିଭାଗ ଅଧୀନରେ ଆସିଥାଏ । ସମସ୍ତଙ୍କୁ ଏହା ଜରୁରୀ ଚିନ୍ତା ଉଦ୍ରେକ କରୁନଥିଲେ ବି ଜଳାନ୍ତକର ତତ୍କାଳୀନ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା ଅତ୍ୟନ୍ତ ଜରୁରୀ ନଚେତ୍ ଏହା ମୁମୂର୍ଷୁ ଜଣଙ୍କୁ ଭୟାନକ ଜଟିଳ ସଙ୍କଟାପନ୍ନ ସ୍ଥିତିକୁ ଠେଲି ଦେଇଥାଏ । ଏବେ ଏହାର ମୁକାବିଲା ଓ ଚିକିତ୍ସା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ସୁଲଭ ମୂଲ୍ୟର ଟୀକା ଉପଲବ୍ଧ ହେଲାଣି । ୨୦୩୦ ସୁଦ୍ଧା ଜଳାନ୍ତକଜନିତ ମାନବ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୋକିବା ଦିଗରେ ବିଶ୍ୱରେ ଲକ୍ଷ୍ୟକୁ ମଧ୍ୟ ଏହା ଦର୍ଶାଏ । ବର୍ତ୍ତମାନ ଚିକିତ୍ସା ସେବା ଯେଉଁପରି ସମୟ ଓ ଉପଲବ୍ଧରେ ପହଞ୍ଚିଛି ହାତ ପାହାନ୍ତାରେ ଅନେକ ସୂଚନା ମିଳିପାରିବା ସହ ସରକାରୀ ବ୍ୟବସ୍ଥାରେ ସମସ୍ତ ପରୀକ୍ଷା ନିରୀକ୍ଷା ଓ ଔଷଧ ପତ୍ର ମାଗଣାରେ ପ୍ରଦାନର ବ୍ୟବସ୍ଥା ରହିଛି ଏହାର ସୁଯୋଗ ନିଅନ୍ତୁ । ତେବେ ଏହି ଜଳାନ୍ତକର ଚିକିତ୍ସା ନିମିତ୍ତ କେତେକ କ୍ଷେତ୍ରରେ ଗୁଣୀ ଗାରେଡ଼ି ଓ ତୁଟୁକାତୁଟିକି ଦେଶୀୟ ଚିକିତ୍ସା କରାଯାଏ ଏହା ଆଦୌ ଠିକ ନୁହେଁ, ତେଣୁ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ ଏବଂ କୌଣସି ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ଏହାକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, E-mail : drprafulldas007@gmail.com



# ରୟାଲ ଷ୍ଟାଗ ପ୍ୟାକେଜଡ ଡ୍ରିଙ୍କିଙ୍ଗ ୱାଟର ପକ୍ଷରୁ ଉତ୍ସବ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,୮।୧୦ (ନି.ପ୍ର) : ସୀଗ୍ରାମର ରୟାଲ ଷ୍ଟାଗ୍ ପ୍ୟାକେଜ୍ଡ଼ ଡ୍ରିଙ୍କିଙ୍ଗ ୱାଟର ଏହାର ଉତ୍ସବ ଅଭିଯାନ, ହାସଟ୍ୟାଗ ସେଲିବ୍ରେଟ୍ ଲାର୍ଜ- ହମ୍ ହେ ଜେନେରେସନ ଲାର୍ଜ, ହମାରା ହର ସେଲିବ୍ରେସନ ଲାର୍ଜର ଶୁଭାରମ୍ଭ ଘୋଷଣା କରିଛି। ବ୍ରାଣ୍ଡର ପ୍ରେରଣାଦାୟକ ଜେନେରେସନ ଲାର୍ଜ ଦର୍ଶନ ଉପରେ ଆଧାରିତ, ଏହି ବର୍ଷର ଅଭିଯାନ ଏକ ଟେକ୍-ଅଗ୍ରଗାମୀ, ଏଆଇ-ନେତୃତ୍ୱାଧୀନ ଅଭିଜ୍ଞତାକୁ ଉନ୍ମୋଚନ କରିଛି ଯାହା ବ୍ରାଣ୍ଡର ଲିଭ୍ ଇଟ୍ ଲାର୍ଜ ଦର୍ଶନ ସହିତ ଯୁବ ପିଢ଼ିର ଆଗ୍ରହକୁ ଆକର୍ଷଣୀୟ ଭାବରେ ଉପସ୍ଥାପିତ କରୁଛି। ରିଜେନେରେଟିଭ ଏଆଇ ଏବଂ ଉନ୍ନତ ଭଏସ ସିନ୍ଥେସିସର ବ୍ୟବହାର କରି,




ରୟାଲ ଷ୍ଟାଗ୍ ର ନୂତନ ଉତ୍ସବ ଅଭିଜ୍ଞତା ପ୍ରଶଂସକମାନଙ୍କୁ ରୋହିତ ଶର୍ମାଙ୍କ ସହିତ ବ୍ୟକ୍ତିଗତ ଭିଡିଓ ଶୁଭେଚ୍ଛା ସୃଷ୍ଟି କରିବାକୁ ସୁଯୋଗ ଦେଉଛି। ଏକ ଅର୍ଗାନିକ୍ କନଭର୍ସେସେନାଲ ଫର୍ମାଟରେ ଏହାକୁ ପ୍ରସ୍ତୁତ କରାଯାଇଛି । ଏହି ଅଭିଯାନ ଭାରତର ଟି୨୦ ଅଧିନାୟକ-ସୂର୍ଯ୍ୟ କୁମାର ଯାଦବଙ୍କଠାରୁ ବିଶେଷଜ୍ଞ ଭାବରେ ସଂଗୃହୀତ ପରାମର୍ଶ ମଧ୍ୟ ପ୍ରଦାନ କରୁଛି। ଏହି ଷ୍ଟାଣ୍ଡ ଆଉଟ୍ ଅଭିଯାନରେ ରୟାଲ୍ ଷ୍ଟାଗ୍ ସହଭାଗୀ ହେଉଛି ଗାନା।

ଏସମ୍ପର୍କରେ ଇଏନଆଇଏଲ ର ସିଇଓ ଶ୍ରୀଯୁକ୍ତ ଯତୀଶ ମେହରିଶି କହିଛନ୍ତି, "ଭାରତରେ ଉତ୍ସବଗୁଡ଼ିକ ସଂସ୍କୃତି, ପ୍ରକାଶନ ଏବଂ ଏକତା ବିଷୟରେ, ଏବଂ ସଙ୍ଗୀତ ହିଁ ଏହି ମୁହୂର୍ତ୍ତଗୁଡ଼ିକୁ ଆହୁରି ସ୍ୱତନ୍ତ୍ର କରିଥାଏ। ଗାନାରେ, ଆମେ ହାସଟ୍ୟାଗ ସେଲିବ୍ରେଟ ଲାର୍ଜ ଅଭିଯାନରେ ସିଗ୍ରାମର ରୟାଲ ଷ୍ଟାଗ ସହିତ ସହଭାଗୀ ହେବାକୁ ଉତ୍ସାହିତ, ଯାହା ପ୍ରଯୁକ୍ତିବିଦ୍ୟା, ସୃଜନଶୀଳତା ଏବଂ ନବସୃଜନ ମାଧ୍ୟମରେ ଉତ୍ସବ ଅଭିଜ୍ଞତାକୁ ପୁନଃକଳ୍ପନା କରୁଛି।" ଏହି ଅବସରରେ ରୋହିତଙ୍କ ସହିତ ନିଜର ବ୍ୟକ୍ତିଗତ ଉତ୍ସବ ଶୁଭେଚ୍ଛା ସୃଷ୍ଟି କରି, ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ସହିତ ଆଇସିସି ଟି୨୦ ବିଶ୍ୱକପ୍ ଟିକେଟ୍ ଜିତିବାର ସୁଯୋଗ ମଧ୍ୟ ପାଇପାରିବେ ।

# ଓଡ଼ିଶାରେ ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ପାଇଁ ଦୃଢ଼ ଚାହିଦା ଦେଖିବାକୁ ମିଳୁଛି

ଭୁବନେଶ୍ୱର,୮।୧୦ (ନି.ପ୍ର) : ସେପ୍ଟେମ୍ବର ୨୨ ତାରିଖରୁ ଆରମ୍ଭ ହୋଇଥିବା ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ୨୦୨୫ରେ ସାରା ଓଡ଼ିଶାରେ ଗ୍ରାହକ ଏବଂ ବିକ୍ରେତାଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳୁଛି। ସ୍ମାର୍ଟଫୋନ୍, ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍ ଏବଂ ବ୍ୟୁଟି, ଗୃହ ଏବଂ ରୋଷେଇ ଘର, ଦୈନନ୍ଦିନ ଆବଶ୍ୟକତା, କିରାଣା ଏବଂ ବଡ଼ ଉପକରଣରେ ଚାହିଦା ପ୍ରବଳ ବୃଦ୍ଧି ଦେଖାଦେଇଛି। ଅକ୍ଟୋବର ୬ ତାରିଖରୁ, ଗ୍ରାହକମାନେ ବିଭିନ୍ନ ବର୍ଗରେ ବହୁ ପ୍ରତୀକ୍ଷିତ 'ଦୀପାବଳି ସ୍ପେଶାଲ୍' ଡିଲ୍ ଏବଂ ଅଫରଗୁଡ଼ିକୁ ଉପଲବ୍ଧ କରିଛନ୍ତି ଏବଂ ସ୍ମାର୍ଟଫୋନ୍ ଉପରେ ୪୦% ପର୍ଯ୍ୟନ୍ତ ରିହାତି; ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍ ଏବଂ ବ୍ୟୁଟି, ଘରର କିଚେନ୍ ଏବଂ ବାହାର ଜିନିଷ ଉପରେ ୮୦% ପର୍ଯ୍ୟନ୍ତ ରିହାତି; ଦୈନନ୍ଦିନ ଆବଶ୍ୟକତା ଉପରେ ୭୦% ପର୍ଯ୍ୟନ୍ତ ରିହାତି; ଟିଭି ଏବଂ ଘରୋଇ ଉପକରଣ ଉପରେ ୬୫% ପର୍ଯ୍ୟନ୍ତ ରିହାତି; ଆମାଜନ୍ ଫ୍ରେସ୍, ଆଲେକ୍ସା ସହିତ ଇକୋ, ଫାୟାର ଟିଭି ଏବଂ କିଣ୍ଡିଲ୍ ଏବଂ ଆହୁରି ଅନେକ ଉପରେ ୫୦% ପର୍ଯ୍ୟନ୍ତ ରିହାତି ସୁବିଧା ଉପଲବ୍ଧ ରହିଛି। ଆମାଜନର ବିସ୍ତାରିତ ଲଜିଷ୍ଟିକ୍ ନେଟୱାର୍କ ସହିତ ପ୍ୟାକେଜଗୁଡ଼ିକ ପୂର୍ବ ଅପେକ୍ଷା ଦ୍ରୁତ ଗତିରେ ଭୁବନେଶ୍ୱର ଏବଂ କଟକରେ ପହଂଚ ନିଶ୍ଚିତ କରିବା ସହିତ ଓଡ଼ିଶା ଗ୍ରାହକମାନେ ପ୍ରିମିୟମ୍ ଉତ୍ପାଦଗୁଡ଼ିକୁ ଅଧିକ ମାତ୍ରାରେ ଚୟନ କରୁଛନ୍ତି।

ଏସମ୍ପର୍କରେ ଆମାଜନ ଇଣ୍ଡିଆର ଭାଇସ୍ ପ୍ରେସିଡେଂଟ ସୌରଭ ଶ୍ରୀବାସ୍ତବ କହିଛନ୍ତି, "ସମ୍ପୂର୍ଣ୍ଣ ଓଡ଼ିଶାରେ ଗ୍ରାହକମାନେ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ୨୦୨୫ କୁ ପୂର୍ବ ଅପେକ୍ଷା ବଡ଼ ଉପାୟରେ ପାଳନ କରୁଛନ୍ତି। ପ୍ରିମିୟମ୍ ଟିଭି ଏବଂ ମୂଲ୍ୟବାନ ଅଳଙ୍କାର ଠାରୁ ଆରମ୍ଭ କରି ନିତ୍ୟ ଆବଶ୍ୟକୀୟ ସାମଗ୍ରୀ ଏବଂ ଆମାଜନ୍ ବଜାର ର ଉତ୍ପାଦ ପର୍ଯ୍ୟନ୍ତ, ରାଜ୍ୟ ଅନଲାଇନ୍ ସପିଂରେ ଅଦ୍ଭୁତ ଅଭିବୃଦ୍ଧି ଦେଖାଇଛି। ଜିଏସଟି ସଂଚୟ, ବ୍ୟାଙ୍କ ଏବଂ ଆମାଜନ୍ ପେ ଅଫରର ସମର୍ଥନ ସହିତ, ଆମେ ସାରା ଓଡ଼ିଶାରେ ଗ୍ରାହକମାନଙ୍କ ପାଇଁ ଉତ୍ସବ ସପିଂକୁ ଅଧିକ ସୁଲଭ ଏବଂ ରିୱାର୍ଡିଂ କରୁଛୁ। ଧନତେରସ୍ ଏବଂ ଦୀପାବଳି ଆଡକୁ ଅଗ୍ରସର ହେଉଥିବା ସମୟରେ, ଆମେ ଆମର ଗ୍ରାହକମାନଙ୍କୁ ଦ୍ରୁତତମ ଗତିରେ ବିସ୍ତୃତ ଚୟନ, ଅତୁଳନୀୟ ମୂଲ୍ୟ ଏବଂ ବର୍ଦ୍ଧିତ ସୁବିଧା ପ୍ରଦାନ କରିବୁ, ଯାହା ଏହି ଉତ୍ସବ ଋତୁକୁ ସେମାନଙ୍କ ପାଇଁ ଆହୁରି ଆନନ୍ଦଦାୟକ କରିବ ।"

# ରାମା ଇକୋର ଶୁଭାରମ୍ଭ

ଭୁବନେଶ୍ୱର,୮।୧୦ (ନି.ପ୍ର) : ଭାରତର ସବୁଠାରୁ ବିଶ୍ୱସ୍ତ ରିଅଲ୍ ଇଷ୍ଟେଟ୍ ବିକାଶକାରୀଙ୍କ ମଧ୍ୟରୁ ଅନ୍ୟତମ ରାମା ଗ୍ରୁପ୍, ରାୟପୁରର ଶଙ୍କର ନଗରରେ ଅବସ୍ଥିତ ଏକ ସ୍ଥାୟୀ ଆବାସିକ ଏବଂ ଖୁଚୁରା ସମ୍ପ୍ରଦାୟ ରାମା ଇକୋର ଶୁଭାରମ୍ଭ କରିଛି। ୫୦ ଏକରରୁ ଅଧିକ ସ୍ଥାନରେ ପରିବ୍ୟାପ୍ତ, ରାମା ଇକୋ ବାସ୍ତୁ ଅନୁକୂଳ ବିଳାସପୂର୍ଣ୍ଣ ଭିଲ୍ଲା, ସ୍ୱାଧୀନ ବିଳାସପୂର୍ଣ୍ଣ ଫ୍ଲୋର ଏବଂ ଜୀବନ୍ତ ଇକୋ ଷ୍ଟ୍ରିଟ୍ ରିଟେଲ୍ ହବ୍ କୁ ଏକତ୍ର କରି ସହରୀ ଜୀବନକୁ ପୁନର୍ବ୍ୟାଖ୍ୟା କରୁଛି। ଏସଟିଜିକେ ଜାପାନ ଦ୍ୱାରା ଲ୍ୟାଣ୍ଡସ୍କେପ୍ ହୋଇଥିବା ଏହି ସମ୍ପତିରେ ସାତ ଏକରର କ୍ୟୁରେଟେଡ୍ ସବୁଜ ଜୋନ୍, ଜଳାଶୟ ଏବଂ ଶହ ଶହ ପ୍ରଜାତିର ଉଦ୍ଭିଦ ଏବଂ ପ୍ରାଣୀ ଅଛନ୍ତି। ରାମା ଇକୋ ଏକ ଅଭୟାରଣ୍ୟ ଯାହା ଜୀବନ ଏବଂ ଜୀବିକାକୁ ପାଳନ କରିଥାଏ, ଯାହା ସଚେତନ ଜୀବନ ଏବଂ ସ୍ଥାୟୀତ୍ୱର ଦୃଢ଼ ଭିତି ଉପରେ ନିର୍ମିତ।



ରାମା ଇକୋ "ସହର ମଧ୍ୟରେ ବିଳାସପୂର୍ଣ୍ଣ ଜଙ୍ଗଲ ଜୀବନ" ପ୍ରଦାନ କରେ ଏବଂ ରାୟପୁରରେ ଏକ ସୁପ୍ରତିଷ୍ଠିତ ସମ୍ପ୍ରଦାୟ ଭାବରେ ବଢ଼ିଛି। ବିମାନବନ୍ଦରରୁ ମାତ୍ର ୨୦ ମିନିଟ୍ ଏବଂ ରେଳ ଷ୍ଟେସନରୁ ୧୫ ମିନିଟ୍ ଦୂରରେ ଥିବା ରାୟପୁରର ପ୍ରମୁଖ ଗନ୍ତବ୍ୟ ସ୍ଥଳ ସହିତ ସଂଯୁକ୍ତ ରହି ବାସିନ୍ଦାମାନେ ବିସ୍ତୃତ ସବୁଜ ସ୍ଥାନ ମଧ୍ୟରେ ରହିବାକୁ ଉପଭୋଗ କରନ୍ତି। ଏହି ବିକାଶରେ ସର୍ବନିମ୍ନ ଜାପାନୀ ଶୈଳୀର ଡିଜାଇନ୍ ଏବଂ ସ୍ଥାନୀୟ ଉଦ୍ଭିଦକୁ ମିଶ୍ରଣ କରାଯାଇଛି ।୧୦୦ ରୁ ଅଧିକ ବାସ୍ତୁ ଅନୁକୂଳ ପ୍ଲଟ୍ ଏବଂ ଭିଲ୍ଲା ଏବଂ ୧୧୨ ସ୍ୱତନ୍ତ୍ର ବିଳାସପୂର୍ଣ୍ଣ ଫ୍ଲୋରଗୁଡ଼ିକୁ ଗଛ ଧାଡ଼ି ଥିବା ରାସ୍ତା ଏବଂ ଏକ ଜଳସ୍ରୋତ କଡ଼ରେ ଯତ୍ନର ସହିତ ରଖାଯାଇଛି। ଏହି ସ୍ୱତନ୍ତ୍ର ବିଳାସପୂର୍ଣ୍ଣ ଫ୍ଲୋରଗୁଡ଼ିକରେ ପ୍ରତି ଫ୍ଲୋରରେ ଗୋଟିଏ ଆପାର୍ଟମେଂଟ ରହିଛି ଯେଉଁଥିରେ ହାରାହାରି ୭,୮୦୦ ବର୍ଗ ଫୁଟ୍ ରହିବା ସ୍ଥାନ, ତିନୋଟି ଆବୃତ କାର ପାର୍କ ଏବଂ ଉତ୍ସର୍ଗୀକୃତ ବ୍ୟକ୍ତିଗତ ଲିଫ୍ଟ ସୁବିଧା ଅଛି। ବାସିନ୍ଦାମାନେ ଏକ ଅର୍ଦ୍ଧ-ଓଲିମ୍ପିକ୍ ଆକାରର ଅନନ୍ତ ପୁଲ୍, ଯୋଗ ଲନ୍, ଏରିଏଲ୍ ଟ୍ରି ଡେକ୍, ଆମ୍ଫିଥିଏଟର, ଆଉଟଡୋର୍ ଜିମ୍, ପ୍ଲେ ପାର୍କ, ୱାଟର ପାର୍କ, ବରିଷ୍ଠ ନାଗରିକମାନଙ୍କ ପାଇଁ ଡିଜାଇନ୍ ହୋଇଥିବା ସ୍ୱତନ୍ତ୍ର ଆଉଟଡୋର୍ ଜିମ୍ ଏବଂ ଲମ୍ବା ଜଗିଂ ଏବଂ ୱାକିଂ ଟ୍ରାକ୍ ପାଣି ସ୍ରୋତ କୂଳରେ ପୂର୍ବ ସବୁଜ ଅଂଚଳରେ ଯୋଜନା କରାଯାଇଛି। ଲୋକପ୍ରିୟ ଠିକଣା କରିବାରେ ସାହାଯ୍ୟ କରିଛି।

ଏସମ୍ପର୍କରେ ରାମା ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଜେଶ ଅଗ୍ରୱାଲ କହିଛନ୍ତି, "ରାମା ଇକୋ ରାୟପୁରର ବିକାଶ ପାଇଁ ଆମର ଦୀର୍ଘମିଆଦୀ ପ୍ରତିବଦ୍ଧତାର ଏକ ଜୀବନ୍ତ ଉଦାହରଣ। ଆମେ ଏକ ଅଭୟାରଣ୍ୟର ପରିକଳ୍ପନା କରିଥିଲୁ ଯେଉଁଠାରେ ପ୍ରକୃତି ଏବଂ ବିଳାସ ଏକାଠି ରହିପାରିବେ, ଏବଂ ଆଜି ଆମେ ଦେଖି ଗର୍ବିତ ଯେ ସେହି ଦୃଷ୍ଟି ଏକ ଜୀବନ୍ତ ସମ୍ପ୍ରଦାୟରେ ପରିଣତ ହୋଇଛି।" ଆଗାମୀ ବିକାଶ ଯୋଜନାର ଅଂଶ ସ୍ୱରୂପ, ରାମା ଗ୍ରୁପ୍ ଟାଉନସିପ୍ର ହୃଦୟସ୍ଥଳୀରେ ଥିବା ଇକୋ ଷ୍ଟ୍ରିଟ୍କୁ ବିକଶିତ କରିବାକୁ ଯୋଜନା କରୁଛି। ଏହା ଏକ ଉଚ୍ଚମାନର ଖୁଚୁରା ଅଭିଜ୍ଞତା ପ୍ରଦାନ କରିବ ଯେଉଁଥିରେ ବିଭିନ୍ନ ବ୍ରାଣ୍ଡ, ଖାଦ୍ୟ ଓ ପାନୀୟ ଦୋକାନ, ଛାତ ଉପରେ ଖୋଲା ଆକାଶ ତଳେ ଖାଇବା ପାଇଁ ସ୍ଥାନ ଏବଂ କାର୍ଯ୍ୟକଳାପ ଓ ସୁବିଧାଗୁଡ଼ିକର ଏକ ଜୀବନ୍ତ ଚୟନ ରହିବ

# କୋକା-କୋଲା ଇଣ୍ଡିଆ ଆଇସିସି ମହିଳା ବିଶ୍ୱକପ କ୍ରିକେଟ ୨୦୨୫ର ଭବ୍ୟ ଆୟୋଜନ ପାଇଁ ନିଜକୁ ପ୍ରସ୍ତୁତ କରୁଛି ଥମସ ଅପ ଏକ୍ସଫୋର୍ସ ଏବଂ ବଡ଼ିଆରମର ଲାଇଟ ଓଆରଏସ ସହିତ ସହଭାଗୀତାରେ

ଭୁବନେଶ୍ୱର,୮।୧୦ (ନି.ପ୍ର) : କୋକା-କୋଲା ଇଣ୍ଡିଆ ଏବଂ ଆନ୍ତର୍ଜାତୀୟ କ୍ରିକେଟ କାଉନସିଲ ମିଳିତ ଭାବରେ ସମସ୍ତ ପ୍ରସ୍ତୁତି କରୁଛନ୍ତି ବର୍ଷର ଏକ ସବୁଠାରୁ ଅତୁଳନୀୟ ଉଦ୍ଦିପନାଭରା ଖେଳକୁଦର ଆସର ମହିଳା ବିଶ୍ୱକପ କ୍ରିକେଟ ୨୦୨୫ର ଭବ୍ୟ କାର୍ଯ୍ୟକ୍ରମ ପ୍ରଦାନ କରିବା ପାଇଁ। ଏହି ରଣକୌଶଳ ଯୁକ୍ତ ସହଯୋଗ ସେମାନଙ୍କର ୮ ବର୍ଷର ସହଭାଗୀତାର ନିଦର୍ଶନ ଅଟେ ଯାହାକି କମ୍ପାନୀର ମହିଳା ଖେଳକୁଦ ଚମ୍ପିୟାନସିପ ଏବଂ ସୁଯୋଗ ସୃଷ୍ଟି କରିବା ଯାହାକି ପରବର୍ତି ପୀଢ଼ି ଖେଳାଳୀ ମାନଙ୍କୁ ସଶକ୍ତ କରିପାରିବ ଏଭଳି ବଚନ ବଦ୍ଧତାକୁ ପୁନଃ ପ୍ରବର୍ତିତ କରୁଛି।

ଥମସ ଅପ ଏକ୍ସଫୋର୍ସ ଅଫିସିଆଲ ମୃଦୁପାନୀୟ ସହଯୋଗୀ ଭାବରେ ଏବଂ ଏଥିସହିତ ବଡ଼ିଆରମର ଲାଇଟ ଓଆରଏସ ହାଇଡ୍ରେସନ ସହଯୋଗୀ ଭାବରେ, କୋକା-କୋଲା ଇଣ୍ଡିଆ ସାମଗ୍ରୀକ ଭାବରେ ସମ୍ପୂର୍ଣ୍ଣ ଆଇସିସି ମହିଳା ବିଶ୍ୱକପ ୨୦୨୫ର ଭବ୍ୟ ଆୟୋଜନ ଜରିଆରେ ଖେଳାଳୀ ତଥା ଏହାର ଫ୍ୟାନ୍ସ ମାନଙ୍କୁ ସତେଜ ରଖିପାରିବ। ଏହାର ଏକ ଦୃଢ଼ ଖେଳକୁଦ ପରମ୍ପରାର ମୂଳଦୁଆରୁ, କୋକା-କୋଲା ଇଣ୍ଡିଆ ଭାରତର ଏହି ଆୟୋଜନକାରୀ ଟୁର୍ଣ୍ଣାମେଂଟ ଗୌହାଟୀ, ଇନ୍ଦୋର, ଭାଇଜାଗ ଏବଂ ନାଭିମୁମ୍ବାଇ ଠାରେ ପାଳନ କରିବାକୁ ଯାଉଥିବା ବେଳେ



ଏହାର ପ୍ରତ୍ୟେକ ମ୍ୟାଚ୍କୁ ଦୃଢ଼ ଅନୁଭୂତି, ପ୍ରବଳ ଉଦ୍ଦିପନା ତଥା ଏକତ୍ରିକରଣର ଛାପକୁ ପ୍ରତିଫଳିତ କରିବାକୁ ସୁନିଶ୍ଚିତ କରିବ। କୋକା-କୋଲା ଇଣ୍ଡିଆ ଏହାର ସମ୍ପୂର୍ଣ୍ଣ ମୃଦୁପାନୀୟ ପୋର୍ଟଫୋଲିଓ ପ୍ରଦାନ କରିବାକୁ ଯାଉଥିବା ବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଖୁସି ଦେବା ପାଇଁ ଏହା ପାଖରେ କିଛି ଅଛି ଯାହାକି ଏହାକୁ ସୁନିଶ୍ଚିତ କରିପାରିବା।

ଖେଳାଳୀ ମାନଙ୍କୁ ସଶକ୍ତ କରିବାର ଏହାର ବଂଶାନୁକ୍ରମିକତା ପ୍ରତିଷ୍ଠା ଜରିଆରେ ସେହି ଅଭିଯାନ ଗୁଡ଼ିକ ଯାହା ମଧ୍ୟରେ ରହିଛି, "ଥମସ ଅପ ଉଠା, ଇଣ୍ଡିଆ ଇଣ୍ଡିଆ ମଞ୍ଚ", ପଲଟଦେ, ତାନେ ପଲଟଦେ ଏବଂ 'ଉଠା ଥମସ ଅପ, ଜଗାତୁଫାନ' ଇତ୍ୟାଦି ଗୁଡ଼ିକୁ ନେଇ, ଆଇସିସି ଟୁର୍ଣ୍ଣାମେଂଟ, ଅଲିମ୍ପିକ୍ସ ଏବଂ ପାରାଲିମ୍ପିକ୍ସ ଭଳି କାର୍ଯ୍ୟକ୍ରମ ଗୁଡ଼ିକରେ ଥମସ ଅପ ଯଥାର୍ଥରେ ଖେଳକୁଦର ଉନ୍ମାଦନାକୁ ବହୁଦୂର ପର୍ଯ୍ୟନ୍ତ ଯଥାବିଧି ପାଳିତ କରିବାର ଗୌରବ ଅର୍ଜନ କରିପାରିଛି। ବର୍ତମାନ ଏହାର ଅଧୁନତମ ବିନା-ଶର୍କରା ମୃଦୁପାନୀୟ ସହିତ, ଥମସ ଅପ ଏକ୍ସଫୋର୍ସ ବ୍ରାଣ୍ଡର ବଂଶାନୁକ୍ରମିକତାକୁ ସମାନ ଭାବରେ ସେହି ଦୁଃସାହସିକତାର ମନୋଭାବ ସହିତ ଆହୁରି ଆଗକୁ ବଢ଼ାଇ ନେଇଛି। ଏହି ଅଭିପ୍ରାୟକୁ ପରିପୂରଣ କରିବା ପାଇଁ ବଡ଼ିଆରମର ଲାଇଟ ଓଆରଏସ ଏବଂ କୋକା-କୋଲା ସ୍ପୋର୍ଟସ ଡ୍ରିଙ୍କ ବ୍ରାଣ୍ଡର ପ୍ରତିଶ୍ରୁତିବଦ୍ଧତାକୁ ପୁନଃପ୍ରତିଷ୍ଠା କରିବାକୁ ଯାଇ ଖେଳାଳୀ ତଥା ଏହାର ଫ୍ୟାନ୍ସ ମାନଙ୍କୁ ଏହି ଆଇସିସି ମହିଳା ବିଶ୍ୱକପ କ୍ରିକେଟ ୨୦୨୫ରେ ଏକ ଆଧୁନିକତମ ହାଇଡ୍ରେସନ ପ୍ରଦାନ କରିପାରିବ।

ସୁନ୍ଦିପ ବାଜୋରିଆ, ଉପ-ସଭାପତି, କୋକା-କୋଲା ଇଣ୍ଡିଆ କହିଛନ୍ତି, "କୋକା-କୋଲା ଇଣ୍ଡିଆ ଅସାଧାରଣ ଭାବରେ ଆମର ଜାତୀୟ ସ୍ତରରେ ରହିଥିବା ପ୍ରଦାନକାରୀ ନେଟୱାର୍କ ଜରିଆରେ ସତେଜତାର ସ୍ୱାଦକୁ ପ୍ରତିଷ୍ଠିତ କରିବା ସହିତ କ୍ରିକେଟ ପାଳନ କରାଯାଉଥିବା ପ୍ରତ୍ୟେକ କୋଣ ଅନୁକୋଣରେ ଏହାକୁ ପହଂଚାଇ ପାରିଛି। ଆମ ପାଇଁ ଏହି ଆଇସିସି ମହିଳା ବିଶ୍ୱକପ କ୍ରିକେଟ ୨୦୨୫ ଏକ ସୁଯୋଗ ଅଟେ ଯାହାକି ଗ୍ରାହକ ମାନଙ୍କର ସଂଯୋଗୀକରଣକୁ ଏଥିସହିତ ଦୃଢ଼ିଭୂତ କରିବା ସଙ୍ଗେ ସଙ୍ଗେ ଆମ ସହିତ ରହିଥିବା ସହଯୋଗୀ ଏବଂ ଖୁଚୁରା ବ୍ୟବସାୟୀଙ୍କୁ ବହୁ ଦିନ ପର୍ଯ୍ୟନ୍ତ ଏକ ମୂଲ୍ୟ ଯୁକ୍ତ ସୃଷ୍ଟି ପ୍ରଦାନ କରିବାରେ ଏହା ସହାୟକ ହୋଇପାରିବ। ରହିଥିବା ଲକ୍ଷ ଲକ୍ଷ ଫ୍ୟାନ ଏବଂ ଖେଳାଳୀ ମାନଙ୍କ ପୋର୍ଟଫୋଲିଓକୁ ପ୍ରଦାନ କରିବା ଦ୍ୱାରା ଆମେ କେବଳ ଖେଳକୁ ନୁହେଁ ଏହି କ୍ଷେତ୍ରରେ ରହିଥିବା ସମସ୍ତ ଅଭୁଲା ସ୍ମୃତିକୁ କ୍ରିକେଟ ପାଇଁ ସମଗ୍ର ଦେଶରେ ସମସ୍ତଙ୍କର ଅଭିଜ୍ଞତା ପାଇଁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।"

# କ୍ରିଷ୍ଟଲ ଇଂଟିଗ୍ରେଟେଡ୍ ସର୍ଭିସେସ୍କୁ ପୁଣେର ସମାଜ କଲ୍ୟାଣ କମିଶନରେଟ୍ ଠାରୁ ୩୭୦କୋଟି ଟଙ୍କାର ଚୁକ୍ତି ନାମା

ଭୁବନେଶ୍ୱର,୮।୧୦ (ନି.ପ୍ର) : ସମଗ୍ର ସୁବିଧା ପରିଚାଳନା ସମାଧାନର ଏକ ଅଗ୍ରଣୀ ପ୍ରଦାନକାରୀ କ୍ରିଷ୍ଟଲ ଇଂଟିଗ୍ରେଟେଡ୍ ସର୍ଭିସେସ୍ ଲିମିଟେଡ୍(କେଆଇଏସଏଲ), ପୁଣେର ସମାଜ କଲ୍ୟାଣ କମିଶନରେଟ୍ ଠାରୁ ୩୭୦ କୋଟି ଟଙ୍କାର ଏକ ଗୁରୁତ୍ୱପୂର୍ଣ୍ଣ ପାଂଚବର୍ଷର ଚୁକ୍ତିନାମା ହାସଲ କରିଛି। ଏହା ମାଧ୍ୟମରେ କଲ୍ୟାଣ ସଂସ୍ଥାର ଏକ ବିସ୍ତୃତ ନେଟୱାର୍କରେ ଯାନ୍ତ୍ରିକ ଗୃହରକ୍ଷା ଏବଂ ଆଉଟସୋର୍ସିଂ ମାନବ ଶକ୍ତି ସେବାକୁ ଅନ୍ତର୍ଭୁକ୍ତ କରାଯିବ। ଏହାକୁ କ୍ରିଷ୍ଟଲର ପୋର୍ଟଫୋଲିଓରେ ସାମାଜିକ ପ୍ରଭାବଶାଳୀ କାର୍ଯ୍ୟ ମଧ୍ୟରୁ ଅନ୍ୟତମ ଭାବେ ବିବେଚନା କରାଯାଉଛି । ଏହି ପ୍ରକଳ୍ପ ସମଗ୍ର ମହାରାଷ୍ଟ୍ରରେ ହଷ୍ଟେଲ, ଆବାସିକ ବିଦ୍ୟାଳୟ, କଲ୍ୟାଣ ଗୃହ, ତାଲିମ ପ୍ରତିଷ୍ଠାନ ଏବଂ ପ୍ରଶାସନିକ ସୁବିଧା ଗୁଡ଼ିକୁ ବିସ୍ତାର କରିବ। ସେଠାରେ ଯତ୍ନ ଏବଂ ଆଶ୍ରୟ ପାଇଁ ସାର୍ବଜନୀନ ସେବା ଉପରେ ନିର୍ଭର କରୁଥିବା ହଜାରରୁ ଅଧିକ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଏବଂ ଦୁର୍ବଳବର୍ଗଙ୍କୁ ଶିକ୍ଷା ସୁବିଧା ଯୋଗାଇ ଦିଆଯିବ। ବୃତିଗତ ସୁବିଧା ପରିଚାଳନା ଅଭ୍ୟାସ ପ୍ରଚଳନ କରି, କ୍ରିଷ୍ଟଲ ନିରାପଦ, ମର୍ଯ୍ୟାଦାପୂର୍ଣ୍ଣ ଏବଂ ସହାୟକ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବା ସହିତ ଦୈନନ୍ଦିନ ଜୀବନ ଯାପନ ଏବଂ ଶିକ୍ଷଣ ପରିସ୍ଥିତିକୁ ଉନ୍ନତ କରିବ। ସମାଜ କଲ୍ୟାଣ କମିଶନରେଟ୍କୁ ଦେଶର ଉପଲବ୍ଧ ହେଉଥିବା କଲ୍ୟାଣ ଇକୋସିଷ୍ଟମ ମଧ୍ୟରୁ ଅନ୍ୟତମ ଭାବେ ବିବେଚନା କରାଯାଇଥାଏ। ଏହାପୁଅ ଏବଂ ଝିଅମାନଙ୍କ ପାଇଁ ୨,୮୦୦ରୁ ଅଧିକ ଛାତ୍ରାବାସ, ୯୩ ଆବାସିକ ବିଦ୍ୟାଳୟ ଏବଂ ୧୯ଟି ଅନୁସୂଚିତ ଆଶ୍ରମ ବିଦ୍ୟାଳୟ ପରିଚାଳନା କରିଥାଏ। ଏହା ପୁଣେରେ ସଫେଇ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଏକ ଆବାସିକ ବିଦ୍ୟାଳୟ ସ୍ଥାପନା କରିଛି। ଏହା ବିଭିନ୍ନ ବିଭାଗରେ ଛଅଟି ଶିଳ୍ପ ତାଲିମ ପ୍ରତିଷ୍ଠାନ, ୩୪ ଡକ୍ଟର ବାବାସାହେବ ଆମ୍ବେଦକର ନ୍ୟାୟଭବନ, ୫୪ ବୃଦ୍ଧାଶ୍ରମ, ସମବାୟ ସମିତି ଏବଂ ସୂତାକଳ ମଧ୍ୟ ସ୍ଥାପନା କରାଯାଇଛି। ଏହା ସରକାରୀ କଲ୍ୟାଣକାରୀ ଯୋଜନା ପାଇଁ ଏକ ପ୍ରମୁଖ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରିଥାଏ। ଏହି ସହଭାଗୀତା ମାଧ୍ୟମରେ ସଶକ୍ତିକରଣ ମିଶନକୁ ସମର୍ଥନ କରିବା ପାଇଁ କ୍ରିଷ୍ଟାଲ ଦୈନନ୍ଦିନ ସ୍ଥାନରେ ପରିଷ୍କାର ପରିଚ୍ଛନ୍ନତା ଏବଂ ଯତ୍ନ ସୁନିଶ୍ଚିତ କରିବା ପାଇଁ ସେବା ପ୍ରଦାନ କରିବ। ଏସମ୍ପର୍କରେ ନିଜର ମତାମତ ଦେଇ କ୍ରିଷ୍ଟଲ ଇଂଟିଗ୍ରେଟେଡ୍ ସର୍ଭିସେସ୍ ଲିମିଟେଡ୍ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସିଇଓ ଏବଂ ଏଏମପି ସଞ୍ଜୟ ଦିଘେ କହିଲେ, ଏହି ଚୁକ୍ତିନାମା ଆମର ଏକ ସୌଭାଗ୍ୟ। କାରଣ ଏହା ଆମକୁ ମହାରାଷ୍ଟ୍ରର ସାମାଜିକ କଲ୍ୟାଣ ବ୍ୟବସ୍ଥାର ମେରୁଦଣ୍ଡ ଭଳି ବିବେଚନା କରାଯାଉଥିବା କ୍ଷେତ୍ରରେ ସେବା କରିବାକୁ ଅନୁମତି ଦେଇଛି। ଆମେ ରକ୍ଷଣାବେକ୍ଷଣ କରୁଥିବା ପ୍ରତ୍ୟେକ ଛାତ୍ରାବାସ, ଆମେ ସଫା ରଖୁଥିବା ପ୍ରତ୍ୟେକ ଶ୍ରେଣୀଗୃହ ଏବଂ ଆମେ ସମର୍ଥନ କରୁଥିବା ପ୍ରତ୍ୟେକ କଲ୍ୟାଣକାରୀ ଗୃହ ଏହି ପ୍ରତିଷ୍ଠାନ ଗୁଡ଼ିକ ଉପରେ ନିର୍ଭରଶୀଳ ଲୋକଙ୍କ ପାଇଁ ସମ୍ମାନ, ସୁରକ୍ଷା ଏବଂ ସୁଯୋଗ ସୃଷ୍ଟି କରିବାରେ ଏହା ଆମର ଯୋଗଦାନକୁ ନିଶ୍ଚିତ କରିଛି। କ୍ରିଷ୍ଟଲରେ, ଆମେ ବିଶ୍ୱାସ କରୁ ଯେ, ସୁବିଧା ପରିଚାଳନା ରକ୍ଷଣାବେକ୍ଷଣ ସହିତ ଅଭିବୃଦ୍ଧି ଏବଂ ସଶକ୍ତିକରଣକୁ ବିକଶିତ କରିଥାଏ। ଆମେ ରାଜ୍ୟର ଅନ୍ତର୍ଭୁକ୍ତିକରଣ ବିକାଶ ପାଇଁ ଭିତିଭୂମିକୁ ମଜବୁତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିବାରୁ ନିଜକୁ ବେଶ୍ ଗର୍ବିତ ମନେ କରୁଛୁ।

ଏହି ଚୁକ୍ତିନାମା ସହିତ, କ୍ରିଷ୍ଟଲ ସରକାର ଏବଂ ସଂସ୍ଥାଗତ ଗ୍ରାହକମାନଙ୍କ ପାଇଁ ଏକ ବିଶ୍ୱସ୍ତ ଅଂଶୀଦାର ଭାବରେ ନିଜର ସ୍ଥିତିକୁ ଅଧିକ ସୁଦୃଢ଼ କରିଛି। ଏହା ଅର୍ଥପୂର୍ଣ୍ଣ ସାମାଜିକ ପ୍ରଭାବ ସୃଷ୍ଟି କରିବା ତଥା ନିଜ ଦକ୍ଷତା ବାହାରେ ଥିବା ସୁବିଧା ପରିଚାଳନା ସମାଧାନ ପ୍ରଦାନ କରିବାରେ ନିଜର ଦକ୍ଷତା ପ୍ରଦର୍ଶନ କରିଥାଏ।

# ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ 'ହେଲ୍ଥ ଆଲଫା' ଉନ୍ମୋଚିତ - ଜିଏସଟି ସଂସ୍କରଣ ପରେ ଏହା ଏକ ଶିଳ୍ପ - ପ୍ରଥମ ଉତ୍ପାଦ

ଭୁବନେଶ୍ୱର,୮।୧୦ (ନି.ପ୍ର) : ଭାରତର ଅଗ୍ରଣୀ ସାଧାରଣ ବୀମା କମ୍ପାନୀ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ, ଏହାର ପ୍ରମୁଖ ଖୁଚୁରା ସ୍ୱାସ୍ଥ୍ୟ ବୀମା ଉତ୍ପାଦ – "ହେଲ୍ଥ ଆଲଫା" ଉନ୍ମଚନ କରିଛି। ଅସୀମିତ ନମନୀୟତା ଏବଂ ୫୦ ରୁ ଅଧିକ କଭରେଜ୍ ବିକଳ୍ପ ସହିତ ଡିଜାଇନ୍ କରାଯାଇଥିବା, ହେଲ୍ଥ ଆଲଫା 'ଆପଣଙ୍କର ସ୍ୱାସ୍ଥ୍ୟ, ଆପଣଙ୍କ କଭର, ଆପଣଙ୍କ ପଥ' ଦର୍ଶନକୁ ପ୍ରତିଫଳିତ କରୁଛି, ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଜୀବନଶୈଳୀ ଓ ସ୍ୱାସ୍ଥ୍ୟସେବା ଆବଶ୍ୟକତା ଅନୁଯାୟୀ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଯୋଜନା ତିଆରି କରିବାକୁ ସକ୍ଷମ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ଲଞ୍ଚ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ସୁଲଭ, କଷ୍ଟମାଇଜ୍ଡ ଏବଂ ଅତ୍ୟାଧୁନିକ ଉତ୍ପାଦ ପ୍ରଦାନ କରିବା ପ୍ରତି ସମର୍ପଣକୁ ପ୍ରତିଫଳିତ କରୁଛି। ଯାହା ଗ୍ରାହକମାନଙ୍କୁ ଦୃଢ଼ ସ୍ୱାସ୍ଥ୍ୟ କଭରେଜ୍ ପାଇବାକୁ ସୁନିଶ୍ଚିତ କରିବା ସହ ସେମାନଙ୍କର ବିବିଧ ସ୍ୱାସ୍ଥ୍ୟସେବା ଆବଶ୍ୟକତା, ଚିକିତ୍ସା ଏବଂ ହସ୍ପିଟାଲିଟେସନ୍




ଖର୍ଚ୍ଚର ଆର୍ଥିକ ବୋଝକୁ ହ୍ରାସ କରିବ। ଏହି ସ୍କିମ୍ ୫ ଲକ୍ଷ ଟଙ୍କାରୁ ଅସୀମିତ ବୀମା ରାଶି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ବୀମା ବିକଳ୍ପ ପ୍ରଦାନ କରୁଛି। ପଲିସିଧାରକମାନେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏକ ଦୀର୍ଘକାଳୀନ ପଲିସି ଅବଧି ବାଛିପାରିବେ, ଯାହା ବର୍ଦ୍ଧିତ ଚିକିତ୍ସା ଖର୍ଚ୍ଚ ବିପକ୍ଷରେ ସୁରକ୍ଷା ପ୍ରଦାନ କରିବ ଏବଂ ଅବଧି-ଆଧାରିତ ରିହାତିରୁ ଲାଭ ପାଇବ। ଏହି ଯୋଜନା କ୍ରୟ କରିବା ପାଇଁ ପ୍ରବେଶ ବୟସ ବୟସ୍କମାନଙ୍କ ପାଇଁ କୌଣସି ପ୍ରତିବନ୍ଧକ ବିନା ୧୮ ବର୍ଷରୁ ଏବଂ ପିଲାମାନଙ୍କ ପାଇଁ ୯୧ ଦିନରୁ ୨୫ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ କରାଯାଇଛି। ଦ୍ରୁତ ଗତିରେ ବିକଶିତ ହେଉଥିବା ଇକୋସିଷ୍ଟମ ଏବଂ ଗ୍ରାହକଙ୍କ ଏକ ବିସ୍ତୃତ ପରିସରର ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ ହୋଇଥିବା, ହେଲ୍ଥ ଆଲଫା ଗ୍ରାହକ-କେନ୍ଦ୍ରିକ, ବ୍ୟକ୍ତିଗତ କଭରେଜ୍ ବିକଳ୍ପଗୁଡ଼ିକର ଏକ ପରିସର ପ୍ରଦାନ କରେ ଯାହା ବ୍ୟାପକ ସୁରକ୍ଷା ଏବଂ ବିକଳ୍ପ ସୁବିଧା ଉପରେ ଗୁରୁତ୍ୱ ଦିଏ।

ଏହି ଲଞ୍ଚ ସହିତ, ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ଖୁଚୁରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହାର ନେତୃତ୍ୱକୁ ସୁଦୃଢ଼ କରିବା ଓ ଗ୍ରାହକ-କେନ୍ଦ୍ରିକ ସ୍ୱାସ୍ଥ୍ୟ ବୀମାରେ ନୂତନ ମାନଦଣ୍ଡ ସ୍ଥାପନ କରିବା ଲକ୍ଷ୍ୟ ରଖିଛି।

# ସେମିକଣ୍ଡକ୍ଟର ହେଉଛି ଭାରତର ଟେଲିକମ୍ ଏବଂ ମୋବାଇଲ୍ ବିପ୍ଳବର ଅଦୃଶ୍ୟ ମେରୁଦଣ୍ଡ

ଭୁବନେଶ୍ୱର,୮।୧୦ (ନି.ପ୍ର) : 'ସେମିକଣ୍ଡକ୍ଟର ହେଉଛି ଭାରତର ଟେଲିକମ୍ ଏବଂ ମୋବାଇଲ୍ ବିପ୍ଳବର ଅଦୃଶ୍ୟ ମେରୁଦଣ୍ଡ। ଏହା ସ୍ୱଦେଶୀ ୪ଜି/୫ଜି ଷ୍ଟାକ୍, ଏଆଇ ବିକାଶ, ସାଇବର ସୁରକ୍ଷା, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ୬ଜି ଭଳି ପରବର୍ତୀ ପୀଢ଼ି ନେଟୱାର୍କକୁ ଶକ୍ତି ପ୍ରଦାନ କରୁଛି। ଆଇଏମସି ୨୦୨୫ ରେ, ଆମେ ଭାରତକୁ ଏକ ପ୍ରଯୁକ୍ତିବିଦ୍ୟା ଗ୍ରାହକରୁ ଏକ ପ୍ରଯୁକ୍ତିବିଦ୍ୟା ସ୍ଥପତି ହେବା ଦେଖିଲୁ। ଅନେକ ଷ୍ଟାର୍ଟଅପ୍ ଭାରତର ମୋବାଇଲ୍ ଏବଂ ଟେଲିକମ୍ କ୍ଷେତ୍ର ପାଇଁ ସେମାନଙ୍କର ଅଭିନବ ସେମିକଣ୍ଡକ୍ଟର-ଚାଳିତ ସମାଧାନ ପ୍ରଦର୍ଶନ କରିଛନ୍ତି, ଯାହା ଆମର ଡିଜାଇନ୍ ଏବଂ ଉତ୍ପାଦନ ଇକୋସିଷ୍ଟମର ବର୍ଦ୍ଧିତ ଶକ୍ତି ପ୍ରଦର୍ଶନ କରୁଛି। ଦୃଢ଼ ସେମିକଣ୍ଡକ୍ଟର କ୍ଷମତା ସହିତ, ଭାରତ ଡିଜିଟାଲ୍ ସାର୍ବଭୌମତ୍ୱ ସୁନିଶ୍ଚିତ କରିପାରିବ, ବିପୁଳ ମୂଲ୍ୟ ଦକ୍ଷତା ସୃଷ୍ଟି କରିବ ଏବଂ ଏକ ବିଶ୍ୱ ପ୍ରଯୁକ୍ତିବିଦ୍ୟା ଲିଡର ଭାବରେ ଏହାର ସ୍ଥିତି ବଜାୟ ରଖିପାରିବ', ବୋଲି ଆଇଇଏସଏ ଏବଂ ସେମି ଇଣ୍ଡିଆର ସିଇଓ ଏବଂ ସଭାପତି ଅଶୋକ ଚାନ୍ଦକ କହିଛନ୍ତି। ଏହା ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଦ୍ୱାରା ଉଦ୍ଘାଟିତ ଏହି କାର୍ଯ୍ୟକ୍ରମ ପାଇଁ ସେ ଆୟୋଜକମାନଙ୍କୁ ପ୍ରଶଂସା କରିଛନ୍ତି।

# ଜାୱା ୟେଜଦି ମୋଟରସାଇକେଲ୍ ଏବେ ୪୦ଟି ସହରରେ ଆମାଜନ୍ରେ ଉପଲବ୍ଧ

ଭୁବନେଶ୍ୱର,୮।୧୦ (ନି.ପ୍ର) : ଗତବର୍ଷ ଫ୍ଲିପକାର୍ଟରେ ଉଚ୍ଚ-ପ୍ରଦର୍ଶିତ କ୍ଲାସିକ୍ ବାଇକ୍ ବିକ୍ରୟରେ ଅଗ୍ରଣୀ ହେବା ପରେ, ଜାୱା ୟେଜଦୀ ମୋଟରସାଇକେଲ୍ସ ଏବେ ଦେଶର ସର୍ବବୃହତ ଇ-କମର୍ସ ବଜାର ଆମାଜନରେ ଲାଇଭ୍ ହେଉଛି। ଯାହା ୪୦ ରୁ ଅଧିକ ସହରକୁ କଭର କରୁଛି ଏବଂ ଏହି ପାର୍ବଣ ଋତୁରେ ୧୦୦ ରୁ ଅଧିକ ସହର ପର୍ଯ୍ୟନ୍ତ ପହଂଚିବାର ଯୋଜନା ରଖିଛି। ବ୍ରାଣ୍ଡଟି ଅକ୍ଟୋବର ୨୦୨୪ ରେ ଫ୍ଲିପକାର୍ଟରେ ଆରମ୍ଭ କରିଥିଲା, ଏହା କେବଳ ଅନଲାଇନ୍ ରେ ମୋଟରସାଇକେଲ ତାଲିକାଭୁକ୍ତ କରିନଥିଲା, ଏହା ଇ-କମର୍ସରେ ପ୍ରିମିୟମ-କ୍ଲାସିକ୍ ମୋଟରସାଇକେଲ ବର୍ଗ ସୃଷ୍ଟି କରିଥିଲା। ପ୍ରଥମ ମାସ ମଧ୍ୟରେ ଏହା ଅନଲାଇନ୍ ଦୁଇଚକିଆ ବିକ୍ରୟରେ ପୂର୍ବ ଶିଳ୍ପ-ସର୍ବୋତମ ତୁଳନାରେ ଦ୍ୱିଗୁଣିତ ହୋଇଥିଲା ଯାହାକି ସମଗ୍ର କ୍ଷେତ୍ର ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଥିଲା। ଆମାଜନ ଏବଂ ଫ୍ଲିପକାର୍ଟରେ ଖୁଚୁରା ବିକ୍ରି ହେଉଥିବା ମଡେଲଗୁଡ଼ିକ ମଧ୍ୟରେ ଜାୱା ୩୫୦, ୪୨, ୪୨ ଏଫଜେ, ୪୨ ବବର, ଏବଂ ପେରକ୍, ଏବଂ ୟେଜଦି ଆଡଭେଂଚର ସିଙ୍ଗିଲ୍ ହେଡଲାଇଟ୍ ଅନ୍ତର୍ଭୁକ୍ତ। ଏହା ସହିତ, ଆମାଜନ୍ ୟେଜଦି ସ୍କ୍ରାମ୍ବଲରକୁ ତାଲିକାଭୁକ୍ତ କରିଛି। ଏସମ୍ପର୍କରେ କ୍ଲାସିକ ଲେଜେଣ୍ଡସର ଚିଫ ବିଜନେସ ଅଫିସର ଶରଦ ଅଗ୍ରୱାଲ କହିଛନ୍ତି, "ଆମେ ଗୋଟିଏ ବର୍ଷ ପୂର୍ବେ ଏହି ସରଳ ବିଶ୍ୱାସ ସହିତ ଇ-କମର୍ସରେ ପ୍ରବେଶ କରିଥିଲୁ: ଯଦି ଆମର ଯୁବ ଗ୍ରାହକମାନେ ଛୁଟିଦିନ ବୁକ୍ କରିବାକୁ କିମ୍ବା ଅନଲାଇନ୍ ରେ କାର କିଣିବାକୁ ସଂକୋଚ କରୁ ନାହାନ୍ତି, ତେବେ ସେମାନେ ସେହିଭଳି ଭାବରେ ଅନଲାଇନ ମାଧ୍ୟମରେ ଏକ ଜାୱା କିମ୍ବା ୟେଜଦି କିଣିବାକୁ ମଧ୍ୟ ପସନ୍ଦ କରିବେ। ଫ୍ଲିପକାର୍ଟରୁ ଆରମ୍ଭ କରି ଏବଂ ବର୍ତମାନ ଆମାଜନ କୁ ବିସ୍ତାର କରି, ଆମେ ମୋଟରସାଇକେଲିଂର ଉତ୍ସାହକୁ ଅକ୍ଷୁର୍ଣ୍ଣ ରଖି ମାଲିକାନା ଯାତ୍ରାକୁ ସହଜ ଏବଂ ଅଧିକ ସ୍ୱଚ୍ଛ କରୁଛୁ।"




# ଓସ୍ୱାଲ କେବୁଲସ ପକ୍ଷରୁ ସେବି ନିକଟରେ ଡିଆରଏଚପି ଦାଖଲ

ଭୁବନେଶ୍ୱର,୮।୧୦ (ନି.ପ୍ର) : ଜୟପୁରରେ ମୁଖ୍ୟ କାର୍ଯ୍ୟାଳୟ ଥିବା ଓସ୍ୱାଲ କେବୁଲସ ଲିମିଟେଡ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। ଆଇପିଓ ଜରିଆରେ କମ୍ପାନି ୫୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛି। ସେଥିରୁ ୩୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର ଫର ସେଲରେ ଅଂଶଧନକାରୀମାନେ ୨୨,୨୦୦,୦୦୦ ଇକ୍ୱିଟି ସେୟାର ବିକ୍ରି କରିବେ। ଓସ୍ୱାଲ କେବୁଲସ ଲିମିଟେଡ ହେଉଛି ହାଇ ଭୋଲଟେଜ କଣ୍ଡକ୍ଟିଭିଟି ଉତ୍ପାଦ ନିର୍ମାଣ କରୁଥିବା ଏକ ସମନ୍ୱିତ ସଂସ୍ଥା ଯାହାକୁ ବିଦ୍ୟୁତ ସଂଚରଣ, ବଂଟନ, ଅକ୍ଷୟ ଶକ୍ତି ସମନ୍ୱୟ, ରେଳବାଇ ଓ ଶିଳ୍ପରେ ବ୍ୟବହାର କରାଯାଉଛି। ଗତ କିଛି ବର୍ଷ ମଧ୍ୟରେ କମ୍ପାନି ଦୃଢ଼ ଆର୍ଥିକ ପ୍ରଦର୍ଶନ କରିଛି। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ କମ୍ପାନି ନୂଆ ପ୍ରକଳ୍ପ ସ୍ଥାପନ କରିବା ଲାଗି କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ କରିବା, କିଛି ଋଣକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରଶୋଧ କରିବା ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଛି। ଓସ୍ୱାଲ କେବୁଲସ ଲିମିଟେଡ ପକ୍ଷରୁ ସାଧାରଣ କଣ୍ଡକ୍ଟର, ଅତ୍ୟାଧୁନିକ କଣ୍ଡକ୍ଟର, ଆକାଶ ମାର୍ଗ କେବୁଲ, ଲୋ ଭୋଲଟେଜ ଶକ୍ତି ତାର, ରେଳ ସିଗ୍ନାଲ ତାର, ସର୍ଭିସ ଡ୍ରପ ତାର ଓ କନସେଂଟ୍ରିକ ତାର ଉତ୍ପାଦନ କରାଯାଉଛି। ଶକ୍ତି ବଂଟନ ଓ ସଂଚରଣ ପାଇଁ କମ୍ପାନି ଏକ ବ୍ୟାପକ ସମାଧାନକାରୀରେ ପରିଣତ ହୋଇପାରିଛି।



# ପୂର୍ବତଟ ରେଳ ପଥ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମାଲ ପରିବହନରେ ୧୧.୩୩% ଅଭିବୃଦ୍ଧି ହାସଲ କରିଛି

ଭୁବନେଶ୍ୱର,୮।୧୦ (ନି.ପ୍ର) : ପୂର୍ବତଟ ରେଳ ପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପଟ୍ଟେମ୍ବର)ରେ ମାଲ ପରିବହନ ଏବଂ ଯାତ୍ରୀ ପରିବହନରେ ଏକ ପ୍ରଭାବଶାଳୀ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏପ୍ରିଲ-ସେପଟ୍ଟେମ୍ବର ୨୦୨୫ ମଧ୍ୟରେ, ପୂର୍ବତଟ ରେଳ ପଥ ଗତ ବର୍ଷ ସମାନ ଅବଧିରେ ୧୨୩.୬ ନିୟୁତ ଟନ ତୁଳନାରେ ୧୩୭.୬ ନିୟୁତ ଟନ ମାଲ ପରିବହନ କରିଛି, ଯାହାକି ୧୧.୩୩% ର ଅଭିବୃଦ୍ଧିକୁ ଦର୍ଶାଉଛି। ମାଲ ପରିବହନ ମଧ୍ୟ ରାଜସ୍ୱ ବୃଦ୍ଧିରେ ଯଥେଷ୍ଟ ଅବଦାନ ରଖିଛି। ପୂର୍ବତଟ ରେଳ ପଥ ସାମଗ୍ରୀ ପରିବହନରୁ ?୧୪,୧୬୨.୫୮ କୋଟି ଆୟ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ?୧୨,୮୦୮.୩୦



କୋଟି ଥିଲା - ଯାହା ୧୦.୫୭% ବୃଦ୍ଧି। ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଜୋନର ମୋଟ ରାଜସ୍ୱ ଆୟ ?୧୫,୫୭୧.୦୮ କୋଟି ରେ ପହଂଚିଛି , ଯାହା ଗତ ବର୍ଷ ସମାନ ଅବଧିରେ ?୧୪,୨୨୭.୧୮ କୋଟି ଥିଲା, ଯାହା ୯.୪୫% ବୃଦ୍ଧିକୁ ପ୍ରତିଫଳିତ କରେ। ଯାତ୍ରୀ ପରିବହନ କ୍ଷେତ୍ରରେ , ପୂର୍ବତଟ ରେଳ ପଥ ଏପ୍ରିଲ-ସେପଟ୍ଟେମ୍ବର ୨୦୨୫ ମଧ୍ୟରେ ୪୮.୨୧ ନିୟୁତ ଯାତ୍ରୀ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୪୫.୫୬ ନିୟୁତ ଯାତ୍ରୀ ପରିବହନ କରିଥିଲା - ଯାହା ୫.୮୧% ବୃଦ୍ଧିକୁ ସୂଚିତ କରୁଛି ।

ମାଲ ପରିବହନ ଏବଂ ଯାତ୍ରୀ କ୍ଷେତ୍ରରେ ଏହି ନିରନ୍ତର ଅଭିବୃଦ୍ଧି ଦକ୍ଷ ଯୋଜନା, ବର୍ଦ୍ଧିତ ପରିଚାଳନା ସହିତ କୋଇଲା, ଲୁହାପଥର, ସିମେଣ୍ଟ ଏବଂ ସାର ଭଳି ପ୍ରମୁଖ ଶିଳ୍ପରେ ମାଲ ପରିବହନ ଗ୍ରାହକଙ୍କ ସହ ସକ୍ରିୟ ସମନ୍ୱୟର ପରିଣାମ।

ପୂର୍ବତଟ ରେଳ ପଥ ଭାରତର ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ନେଟୱାର୍କକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି, ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଗତିଶୀଳତାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି ।

# ପୋଶ ଆଇନ ସମ୍ପର୍କରେ ଲୋକସେବା ଭବନ ବିଭାଗୀୟ ଅଧିକାରୀବୃନ୍ଦଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୧୦ (ନି.ପ୍ର) : ଆଜି ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ଲୋକସେବା ଭବନ ସମ୍ମେଳନ କକ୍ଷ ଠାରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡନ(ସୁରକ୍ଷା, ନିଷେଧ ଓ ନିରାକାରଣ) ଆଇନ (ପୋଶ୍)୨୦୧୩ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମକ୍ଷେତ୍ରରେ ପୋଶ୍ ଆଇନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ।



ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଲୋକସେବା ଭବନର ଉପବିଭାଗ ଅଧିକାରୀ ଓ ସହକାରୀ ଉପବିଭାଗ ଅଧିକାରୀବୃନ୍ଦଙ୍କୁ ପୋଶ୍ ଆଇନର ଆଇନଗତ ବ୍ୟବସ୍ଥା ବିଷୟରେ ଜଣେଇବା ଓ ସଚେତନ କରିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି ।

ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ପରାମର୍ଶକ୍ରମେ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ଅଧିବେଶନରେ ୧୧୦୦ ଲୋକସେବା ଭବନ ଅଧିକାରୀମାନଙ୍କୁ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ ୨୦୧୩ ସମ୍ପର୍କରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ବିଶିଷ୍ଟ ଆଇନଜୀବି ମାନସୀ ପାଢୀ ଏହି ଆଇନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶ୍ରୀମତୀ ସୁସ୍ମିତା ଦାସ ଅଧିକାରୀମାନଙ୍କୁ ଉକ୍ତ ଆଇନ ବିଷୟରେ ଅବଗତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ, ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ମାସରେ ୬୦୦ରୁ ଅଧିକ ଲୋକସେବା ଭବନ ଅଧିକାରୀମାନଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ପୋଶ ଆଇନ ସମ୍ପର୍କରେ ଏକ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ହବିଷ୍ୟାଳୀ ମା ମାନଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ ବ୍ୟବସ୍ଥାରେ ଖୁସି ବ୍ୟକ୍ତ କଲେ ମା ମାନେ

ପୁରୀ ୮/୧୦ (ନି.ପ୍ର) : ଗତକାଲି ଠାରୁ ଆରମ୍ଭ ହୋଇଛି ଚଳିତ ବର୍ଷ ର ହବିଷ୍ୟାଳୀ ବ୍ରତ।ଏକ ମାସ ଧରି ଚାଲିବାକୁ ଥିବା ଏହି ବ୍ରତକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ପ୍ରଶାସନ ନିଷ୍ଠାପର ଭାବେ କାର୍ଯ୍ୟ କରୁଛି।ପୂର୍ବରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତ ହବିଷ୍ୟାଳୀ କେନ୍ଦ୍ର ଗୁଡିକ ବୁଲି ସ୍ଥିତି ଅନୁଧ୍ୟାନ ସହ ଦାୟିତ୍ୱ ରେ ଥିବା ବରିଷ୍ଠ ଅଧିକାରୀ ମାନଙ୍କୁ ସମସ୍ତ କାର୍ଯ୍ୟ ର ସୁ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ।ଆଜି ଜିଲ୍ଲାପାଳ ଶ୍ରୀ ପରିଡା ପ୍ରତ୍ୟେକ ହବିଷ୍ୟାଳୀ କେନ୍ଦ୍ର ମାନ ଙ୍କୁ ପରିଦର୍ଶନ କରିବା ସହ ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ।ବିଶେଷ କରି ପାନୀୟ ଜଳ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା,ମନ୍ଦିର ଦର୍ଶନ ପାଇଁ ଗାଡି ବ୍ୟବସ୍ଥା, ଶୃଙ୍ଖଳିତ ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ବ୍ୟବସ୍ଥା କୁ ଅନୁଧ୍ୟାନ କରିଥିଲେ।ପରେ ହବିଷ୍ୟାଳୀ ମା ମାନଙ୍କ ସହ ଜିଲ୍ଲାପାଳ ବାର୍ତ୍ତାଳାପ କରିଥିଲେ।ମା ମାନଙ୍କ ସଂପୃକ୍ତ କେନ୍ଦ୍ର ମାନଙ୍କ ରେ ରହଣୀ, ରହଣୀରେ ସୁବିଧା ଅସୁବିଧା, ମନ୍ଦିର ଦର୍ଶନ,ମହାପ୍ରସାଦ ସେବନ ସମ୍ପର୍କରେ ପଚାରି ବୁଝିଥିଲେ।ହବିଷ୍ୟାଳୀ କେନ୍ଦ୍ର ରେ ରହିବା, ବୃନ୍ଦାବତୀ ପୂଜା କରିବା,ମନ୍ଦିର ଦର୍ଶନ କରିବା, ମହାପ୍ରସାଦ ସେବନ କରିବା,ଭଜନ, କୀର୍ତ୍ତନ, ପ୍ରବଚନ ଶୁଣିବା ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ହୋଇଛି ବୋଲି ମା ମାନେ ଜିଲ୍ଲାପାଳ ଙ୍କୁ କହିଥିଲେ।ମା ମାନେ ହୁଳହୁଳି ପକାଇ ଜିଲ୍ଲାପାଳ ଙ୍କୁ ସ୍ୱାଗତ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହାକୁ ଯେପରି ଆହୁରି ଅଧିକ ଶୃଙ୍ଖଳିତ କରାଯାଇ ପାରିବ ସେଥି ପ୍ରତି ଯତ୍ନବାନ ହେବାକୁ ସମସ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ଦ୍ଦେଶ ଦେଇଥିଲେ।



# ଉଚିତ ମାର୍ଗଦର୍ଶନ ଯୁବ ବର୍ଗର ବିକାଶକୁ ତ୍ୱରାନ୍ୱିତ କରିବ




ପୁରୀ ୮/୧୦ (ନି.ପ୍ର) : ପ୍ରତ୍ୟେକଙ୍କ ମଧ୍ୟରେ ପ୍ରତିଭା ରହିଛି।ଯାହାର ବିକାଶ ରାଜ୍ୟ ଓ ଦେଶ ପାଇଁ ସମ୍ବଳ ହୋଇ ପାରିବ।ତେବେ ଏମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ସମାଜକୁ ଶୃଙ୍ଖଳିତ ଓ ସମୃଦ୍ଧ କରିବ ବୋଲି କହିଛନ୍ତି ଆଇନ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଓଡିଆ ଭାଷା ସାହିତ୍ୟ, ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।ଗତକାଲି ଅପରାହ୍ଣ ରେ ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ଯୁବବର୍ଗ ଙ୍କ ସହ ଏକ ଭାବ ଆଦାନପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ଯୋଗ ଦେଇ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆମ ଦେଶ ଓ ରାଜ୍ୟରେ ଯୁବବର୍ଗ ଙ୍କ ସଂଖ୍ୟା ବୃଦ୍ଧି ସହ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ।ଏହାର ସୁଯୋଗ ନେଇ ପିଲା ମାନେ ନିଜ ପରିବାର, ସମାଜ ପାଇଁ ଜଣେ ଜଣେ ସମ୍ବଳ ହୋଇ ପାରିବେ।ନିଜର ଯୋଗ୍ୟତା ଓ ଆଗ୍ରହ ଅନୁସାରେ ଯୁବବର୍ଗ ନିଜକୁ ପ୍ରଶିକ୍ଷିତ କରାଇପାରିଲେ

ସମାଜ ଶୃଙ୍ଖଳିତ ହୋଇ ପାରିବ ବୋଲି କହିଥିଲେ।ମନ୍ତ୍ରୀ ଶ୍ରୀ ସୂରଜ ଯୁବବର୍ଗ ଙ୍କ ଆନୁପାତିକ ସଂଖ୍ୟା ବଢୁଛି।ଆମ ସରକାର ବର୍ତ୍ତମାନ ସରକାରୀ ଚାକିରୀ ରେ ନିଯୁକ୍ତି ବୟସ ସୀମା ୪୨ ବର୍ଷ କୁ ବୃଦ୍ଧି କରାଯାଇଛି।ତେବେ ନିଜକୁ ଦକ୍ଷତା କରାଇ ନିଜକୁ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିବେ ଓ ନିଯୁକ୍ତି ଦାତା ହେବାକୁ ସେ ପରାମର୍ଶ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା,ଏସ ପି ପ୍ରତୀକ ସିଂ ପ୍ରମୁଖ ଯୋଗ ଦେଇ ଯୁବବର୍ଗଙ୍କ ବିକାଶ ସହ ସେବା ପ୍ରଦାନ ସମ୍ପର୍କରେ ବିବିଧ ସୂଚନା ପ୍ରଦାନ କରିଥିଲେ।

# ପ୍ଲାଣ୍ଟ ଶ୍ରମିକମାନଙ୍କ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ସୁନିଶ୍ଚିତକରଣ ପାଇଁ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା

ଭୁବନେଶ୍ୱର, ୮।୮ (ନି.ପ୍ର) : କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଥମ ଥର ପାଇଁ କାଜୁ କାରଖାନାମାନଙ୍କରେ ଶ୍ରମିକମାନଙ୍କ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ବିଷୟରେ ଏକ ଦିନିକିଆ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାଟି ଭୁବନେଶ୍ୱର ସ୍ଥିତ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଥିଲା।

ପୂର୍ବାହ୍ଣ ସଭାରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଆଇ.ଏ.ଏସ., ରାଜ୍ୟ ଶ୍ରମ କମିଶନର, କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶକ ଏବଂ ରାଜ୍ୟ ଶ୍ରମ ସଂସ୍ଥାନ ନିର୍ଦ୍ଦେଶକ, ଉପସ୍ଥିତ ହୋଇ କର୍ମଶାଳାର ଉଦଘାଟନ କରିଥିଲେ। ସେ ତାଙ୍କ ଉଦବୋଧନରେ କହିଥିଲେ ଯେ, କାଜୁ କାରଖାନାମାନଙ୍କରେ ବୃତ୍ତିଗତ ସ୍ୱାସ୍ଥ୍ୟ ଆହ୍ୱାନପୂର୍ଣ୍ଣ ଥିବାରୁ ଉଭୟ ଶ୍ରମିକ ଏବଂ ପରିଚାଳନା କର୍ତ୍ତୃପକ୍ଷ ଏହି କ୍ଷେତ୍ରରେ ଦାୟିତ୍ୱବାନ ଓ ସଚେତନ ହେଲେ ସୁରକ୍ଷା ସହିତ ବୃତ୍ତିଗତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ସମ୍ଭବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଡଃ ମଳୟ କୁମାର ପ୍ରଧାନ, ଉପ ନିର୍ଦ୍ଦେଶକ (ସୁରକ୍ଷା), କାରଖାନା ନିୟମାବଳୀ ୧୯୫୦ ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ନିର୍ବାହ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କର୍ମଶାଳାରେ ଡଃ ଜଗତଜୀବନ ପତି, ଅଧୀକ୍ଷକ, ଇ.ଏସ.ଆଇ ହସ୍ପିଟାଲ, ଚୌଦ୍ୱାର; ଶ୍ରୀ ଚିତ୍ତରଞ୍ଜନ ବେଉରା, ଉପ ମୁଖ୍ୟ ନିର୍ଦ୍ଦେଶକ, ରାୟଗଡ଼ା ମଣ୍ଡଳ; ଏବଂ ଶ୍ରୀ ଅନିଲ କୁମାର ନନ୍ଦ, ସହକାରୀ ନିର୍ଦ୍ଦେଶକ, ସଦର ମହକୁମା — କର୍ମଶାଳାର ସଫଳ ପରିଚାଳନା କରିଥିଲେ। ଅପରାହ୍ଣ ସଭାରେ ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ମୋଟ ୬୦ ଜଣ ଅଂଶ ଗ୍ରହଣକାରୀ, କାଜୁ ପ୍ଲାଣ୍ଟ ମାଲିକ, ସୁପରଭାଇଜର ଏବଂ ଅପରେଟରମାନଙ୍କୁ ରାଜ୍ୟ ଶ୍ରମ ସଂସ୍ଥାନ ପକ୍ଷରୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି ରାଜ୍ୟସ୍ତରୀୟ କର୍ମଶାଳା ମାଧ୍ୟମରେ ଶ୍ରମିକ ଓ ପରିଚାଳନା ମଧ୍ୟରେ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ବୃଦ୍ଧି ସହିତ ସୁରକ୍ଷିତ, ସ୍ୱାସ୍ଥ୍ୟକର ଓ ଉତ୍ପାଦନଶୀଳ କାର୍ଯ୍ୟ ପରିବେଶ ଗଠନ ପ୍ରତି ଅଂଗୀକାର ଓ ପ୍ରତିବଦ୍ଧତାକୁ ସୁଦୃଢ଼ କରାଯାଇଛି।

# ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର, ୮/୧୦ (ନି.ପ୍ର) : ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ସାଇ ଶକ୍ତି ମହିଳା ସମିତି ସହଯୋଗରେ ଭୁବନେଶ୍ୱର ସ୍ଥିତ ବଡ଼ବଡ଼ ବ୍ରିଟ୍ କଲୋନୀ ରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ର ଭୁବନେଶ୍ୱର ମହାନଗର ର ସଭାପତି ଅଜୟ କୁମାର ଚୌଧୁରୀ, ଉପସଭାପତି ପ୍ରିୟଦର୍ଶୀ ବରାଳ, ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା, ମହିଳା ପ୍ରମୂଖ ସସ୍ମିତା ମଙ୍ଗରାଜ ଓ ଅନେକ ଅଞ୍ଚଳରେ ଥିବା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ର ପ୍ରମୂଖ ମାନେ ଉପସ୍ଥିତ ଥିଲେ। ଏହି




କାର୍ଯ୍ୟକ୍ରମ ରେ ଅନେକ ସାଧାରଣ ନାଗରିକ ମଧ୍ୟ ସାମିଲି ହୋଇଥିଲେ । ଏହି ମାର୍ଗଦର୍ଶନ ସେବା କେନ୍ଦ୍ର ବର୍ତ୍ତମାନ ସପ୍ତାହ ରେ ୨ ଦିନ ସୋମବାର ଓ ଶୁକ୍ରବାର ସନ୍ଧ୍ୟା ୫ ଟା ରୁ ୭ ଟା ପର୍ଯ୍ୟନ୍ତ ଖୋଲା ରହିବ । ଏହି କେନ୍ଦ୍ର ରେ ଯେ କୌଣସି ଗ୍ରାହକ ସମ୍ବନ୍ଧୀୟ ସମସ୍ୟା ର ସରଳ ସମାଧାନ ପାଇଁ ପରାମର୍ଶ ନିଶୁଳ୍କ ପ୍ରଦାନ କରାଯିବ ବୋଲି ସଂଗଠନ ର ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଏଠାରେ ଉପସ୍ଥିତ ଥିବା ସାଧାରଣ ନାଗରିକ ମାନେ ଏହାକୁ ସ୍ୱାଗତ କରିବା ସହିତ ଲୋକମାନଙ୍କ ପାଇଁ ନିଶୁଳ୍କ ସେବା କୁ ପ୍ରସଂଶା କରିଛନ୍ତି। ଏଭଳି ଭୁବନେଶ୍ୱର ରେ ଅନ୍ୟ ସ୍ଥାନ ରେ ମଧ୍ୟ ମାର୍ଗଦର୍ଶନ ସେବା କେନ୍ଦ୍ର ଖୋଲାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସଂଗଠନ ର ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି।

# ଚାରଣଗୋଷ୍ଠୀ ସଙ୍ଗଠକ ସହଦେବ ସାମଲଙ୍କ ଶ୍ରଦ୍ଧାଞ୍ଜଳିସଭା

କେନ୍ଦ୍ରାପଡ଼ା, ୮।୧୦ (ନି.ପ୍ର) : ଚାରଣଗୋଷ୍ଠୀ ସଙ୍ଗଠକ ସହଦେବ ସାମଲଙ୍କ ଦ୍ୱାଦଶାହ ଉପଲକ୍ଷେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ବନ୍ତଳା ଗ୍ରାମସ୍ଥିତ



ବାସଭବନରେ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ରାଜେଶ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ 'ସମ୍ବାଦ' ଗ୍ରୁପ୍ର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ସାମଲଙ୍କୁ ଜଣେ ଦୃଢ଼ମନା ଓ ସଫଳବ୍ୟକ୍ତି ରୂପେ ଅଭିହିତ କରିଥିଲେ। ସେକହିଥିଲେ ଯେ ସଫଳବ୍ୟକ୍ତି ଇହଲୀଳା ସମ୍ବରଣ କଲେ ଲୁହଗଡ଼ାଇ ଶୋକପ୍ରକାଶ କରିବା ତାଙ୍କପ୍ରତି ଅସମ୍ମାନ ହୋଇଥାଏ। ବରଂ ତାଙ୍କ ସଫଳତାର ଗୁଣଗାନ କରି ଗର୍ବ କଲେ ତାଙ୍କ ପ୍ରତି ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇଥାଏ। ସେ ଆହୁରି କହିଥିଲେ ଯେ ସହଦେବଙ୍କ ଭଳି ଯେ କେଣସି ବୃତ୍ତି ପ୍ରତି ସମର୍ପିତ ମନୋଭାବ ରଖି କାମକଲେ ସଫଳତା ନିଶ୍ଚିତ ମିଳିବ। ଯୌଥ ପରିବାରରେ ବିଶ୍ୱାସ ରଖି ସ୍ୱର୍ଗତ ସାମଲ ଯେଉଁ ଭଳି ଭାବେ ପରିବର୍ତ୍ତିତ ପରିସ୍ଥିତିରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ତାହା ଅନ୍ୟମାନଙ୍କୁ ପ୍ରେରିତ କରିବ। ଏହି ଅବସରରେ ଶ୍ରୀ ପଟ୍ଟନାୟକ 'ସ୍ମୃତିରେ ସହଦେବ' ସ୍ମରଣିକା ଉନ୍ମୋଚନ କରିଥିଲେ।

# ଜାଗୁଳାଇ ଠାକୁରାଣୀ ପୀଠରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ଓ ବାର୍ଷିକ ସମାରୋହ

ଅସ୍ତରଙ୍ଗ,୮।୧୦ (ନି.ପ୍ର) : ସାର୍ବଜନୀନ ଦୁର୍ଗାପୂଜା ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କଣ୍ଠାପଡ଼ା ଗ୍ରାମସ୍ଥିତ ପ୍ରସିଦ୍ଧ ଜାଗୁଳାଇ ଠାକୁରାଣୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଗତ ସେପ୍ଟେମ୍ବର-୧୪ ସହସ୍ରାକୁମ୍ଭବରଣଠାରୁ ଆୟୋଜନ କରାଯାଇ ସପ୍ତମୀ ତିଥି ଗତ ୨୮ ତାରିଖ ଦିନ କଣ୍ଠାପଡ଼ାଠାରେ ଶାରଦୀୟ ବାର୍ଷିକ ଉତ୍ସବ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସୌଜନ୍ୟତା କ୍ରମେ ଅନୁଷ୍ଠିତ ହୋଇଯାଇଛି। ଏହି ଶାରଦୀୟସମାରୋହରେ ଓଡ଼ିଶା ଫଲୋ ଅପ୍ର ନିର୍ଦ୍ଦେଶକ ଡଃ. ଡି.ବି. ହୃଦୟ ବିଶିଷ୍ଟ ଶିକ୍ଷା ଓ ସଂସ୍କୃତିବିତ୍ ରବିନ୍ଦ୍ର କୁମାରମହାନ୍ତି ଓ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଦୁର୍ଗାପୂଜାର ମହତ୍ୱ ଓ ଏହା ମାଧ୍ୟମରେ ଆମ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ଜାଗୁଳାଇ ଠାକୁରାଣୀ ଟ୍ରଷ୍ଟବୋର୍ଡ଼ରଭାରପ୍ରାପ୍ତ ପରଚି।ଳନା ନ୍ୟାସୀ ଅମିୟ କୁମାର ପଟ୍ଟନାୟକଙ୍କ ସଭାପତତି୍ୱରେ ଅନୁଷ୍ଠିତ ଏହି ସଭାରେ ଗ୍ରାମର ଅନ୍ୟତମମୁରବୀ ବିଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସପ୍ତମୀ ତିଥିର ସନ୍ଧ୍ୟାରେ ବାଜା, ବାଣ, ହରିବୋଲ, ହୁଳହୁଳି ଧ୍ୱନୀରେ ମା' ଜାଗୁଳାଇ ଠାକୁରାଣୀ ଗ୍ରାମ ପରିକ୍ରମା କରିବା ପରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗପକ୍ଷରୁ ରାମକୃଷ୍ଣ ଦାଶକାଠିଆ ସଂଘ, ଯାଜପୁରଙ୍କ ପକ୍ଷରୁ ଦାଶକାଠିଆ ପରିବେଷଣ କରାଯାଇଥିଲା। ଏହି ଅବସରରେମୁଖ୍ୟ ଅତିଥି ଡଃ. ଡି.ବି. ହୃଦୟ ପରିବେଶ ସୁରକ୍ଷା ଓ ବ୍ୟାପକ ବନୀକରଣ କରିବା ଦିଗରେ ଗ୍ରାମବାସୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ପ୍ରଧାନ, ଶ୍ରୀଚରଣ ଓଝା, ୱାର୍ଡ଼ ସଭ୍ୟା ପ୍ରଣତି ଓଝା, ହଟକିଶୋରମହାନ୍ତି, ଇନ୍ଦ୍ରମଣି ସାହୁ, ରମାକାନ୍ତ ସ୍ୱାଇଁ, ପ୍ରଫୁଲ୍ଲ ଛାଟୋଇ, ଅର୍ତ୍ତତ୍ରାଣ ଓଝା, କ୍ଷେତ୍ରବାସୀ ଓଝା, ସନ୍ତୋଷ କୁମାରସେଠୀ, ସୁଜିତ କୁମାର ନାୟକ, ପିତବାସ ଓଝା, ଅଚ୍ୟୁତ ପଧ୍ର।ନ, ଅନନ୍ତ ନାରାୟଣ ପଟ୍ଟନାୟକ ପ୍ରମୁଖ ଗ୍ରାମବାସୀବୃନ୍ଦଉପସ୍ଥିତ ରହି ସମସ୍ତ




**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDB-33/2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDB-33/2025-26 |
| 5. | Estimated Cost | : Rs. 11,99,612 /- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.10.10.2025 (10.00 AM) to dt.22.10.2025 (5.30 PM) |
| 8. | Last date/ time for receipt of bid In the Portal | : dt.22.10.2025 (up to 5.30 PM) |
| 9. | Date and Place of opening of Bid | : dt.23.10.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

04.10.2025
Addl. Chief Engineer,
Mechanical Circle Bhubaneswar

A-691
OIPR-32405/11/0088/2526

# କୌଣସି ଧାଡି ନୁହେଁ, କେବଳ ଏକ କ୍ଲିକ୍

## ଡିଜିଟାଲ ଟିକେଟିଂରେ ଅଗ୍ରଣୀ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ

ଭୁବନେଶ୍ୱର,୮।୧୦(ନି.ପ୍ର.):ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ଡିଜିଟାଲ ଟିକେଟିଂରେ ଅପୂର୍ବ ବୃଦ୍ଧି ଦେଖିଛି । ଇ-ଟିକେଟିଂ, ଅଟୋମାଟିକ ଟିକେଟ୍ ଭେଣ୍ଡିଂ ମେସିନ୍ ? (ଏଟିଭିଏମ) ଓ ମୋବାଇଲ୍ ଆଧାରିତ ୟୁଟିଏସ (ଅଣସଂରକ୍ଷିତ) ଟିକେଟିଂ ରେ ଯାତ୍ରୀ ମାନଙ୍କ ଆସ୍ଥା ଓ ସୁବିଧା ଅଦ୍ଭୁତ ଭାବରେ ବଢ଼ିଛି । ଏହା ରେଳମଣ୍ଡଳରେ ଯାତ୍ରୀ ସେବାକୁ ଶୀଘ୍ର, ଧାଡି-ମୁକ୍ତ ଓ ପ୍ରଯୁକ୍ତିମୁଖୀ କରିଛି ।ଏହି ସଂଖ୍ୟାଗୁଡ଼ିକ ଯାତ୍ରୀମାନଙ୍କ ମଧ୍ୟରେ ଡିଜିଟାଲ୍ ଗ୍ରହଣରେ ଏକ ଦୃଢ଼ ଏବଂ ସ୍ଥିର ବୃଦ୍ଧିକୁ ପ୍ରତିଫଳିତ କରୁଛି, ଯାହା ବ୍ୟକ୍ତିଗତ ଭାବେ ବୁକିଂ କାଉଣ୍ଟର ଉପରେ ନିର୍ଭରଶୀଳତା ହ୍ରାସ କରୁଛି ଏବଂ ସୁବିଧା ବୃଦ୍ଧି କରୁଛି ।ସ୍ମାର୍ଟ ଟିକେଟିଂରେ ଅଭୂତପୂର୍ବ ଅଭିବୃଦ୍ଧି ଏବଂ ଟଞ୍ଚଝ ମୋବାଇଲ୍ ଟିକେଟିଂରେ ଅପୂର୍ବ ସଫଳତା:

ଯାତ୍ରୀ ଟିକେଟ୍ କ୍ରୟ କ୍ଷେତ୍ରରେ ଡିଜିଟାଲ୍ ଟିକେଟିଂ ପ୍ରତି ଯାତ୍ରୀମାନଙ୍କ ଆକର୍ଷଣ ଦିନକୁ ଦିନ ବଢୁଛି । ସମଗ୍ର ଟଞ୍ଚଝ ଟିକେଟ୍‌ରେ ୭.୮% ବୃଦ୍ଧି ହୋଇଛି, ଯାହା ଡିଜିଟାଲ୍ ପଦ୍ଧତି ମାଧ୍ୟମରେ ଟିକେଟ୍ କ୍ରୟ ପ୍ରତି ଯାତ୍ରୀମାନଙ୍କ ସଚେତନତା ଓ ଆସ୍ଥାର ସ୍ପଷ୍ଟ ପରିଚୟ । ଏହି ବୃଦ୍ଧି ମଧ୍ୟରୁ ଇଞ୍ଚଠଗ ଦ୍ୱାରା ଟିକେଟ୍ ବିକ୍ରୟ ପୂର୍ବବର୍ଷ ତୁଳନାରେ ୩୪.୮% ବଢ଼ିଛି ଏବଂ ମୋବାଇଲ୍ ଟିକେଟିଂ ମାଧ୍ୟମରେ ୮୫% ବୃଦ୍ଧି ହୋଇଛି । ଏହା ଦର୍ଶାଉଛି ଯେ ଯାତ୍ରୀମାନେ ଆସ୍ତେ ଆସ୍ତେ ଡିଜିଟାଲ୍ ମାଧ୍ୟମରେ ଟିକେଟ୍ କ୍ରୟ କରିବାକୁ ଅଧିକ ପସନ୍ଦ କରୁଛନ୍ତି, ଯାହା ରେଳ ଯାତ୍ରାକୁ ଅଧିକ ସହଜ ଓ ସୁବିଧାଜନକ କରୁଛି ।ଯେକୌଣସି ସ୍ଥାନରୁ ମୋବାଇଲ ଟିକେଟ୍ ବୁକିଂ କରିବାର ସୁବିଧା,



ଡିଜିଟାଲ୍ ପେମେଣ୍ଟ ମୋଡ୍ ?ଗୁଡିକ (ଯେପରି ଟଚଓ, କାର୍ଡ, ନେଟ୍ ବ୍ୟାଙ୍କିଂ) ସହ ଏକୀକୃତ ପ୍ରଣାଳୀ ଏବଂ ସଠିକ ସମୟ ଟିକେଟ୍ ଉପଲବ୍ଧତା ଏହାର ବ୍ୟବହାରକୁ ଦ୍ରୁତ ଭାବେ ବୃଦ୍ଧି କରିଛି ।ବିକାଶର ଅଗ୍ରଗାମୀ କାରଣ ଓ ଯାତ୍ରୀଙ୍କ ଲାଭ-ଯାତ୍ରା ପାଇଁ ବିନା ଧାଡିରେ ଟିକେଟ ବୁକିଂ : ଇ-ଟିକେଟିଂ, ଇଞ୍ଚଠଗ ଏବଂ ଟଞ୍ଚଝ ମୋବାଇଲ୍ ଟିକେଟିଂ ପ୍ରଣାଳୀ ଯୋଗୁଁ ବୁକିଂ କାଉଣ୍ଟରଗୁଡିକରେ ଲମ୍ବା ଧାଡିକୁ ଦୂର କରିବାରେ ସଫଳତା ମିଳିଛି, ବିଶେଷକରି ଯାତ୍ରା ଭିଡ଼ ସମୟରେ ।ସୁବିଧା ଓ ପହଞ୍ଚ: ଯାତ୍ରୀମାନେ ବିଭିନ୍ନ ଡିଜିଟାଲ୍ ପେମେଣ୍ଟ ବିକଳ୍ପ ବ୍ୟବହାର କରି ଯେକୌଣସି ସମୟରେ ଏବଂ ଯେକେଉଁସି ସ୍ଥାନରୁ ଟିକେଟ୍ ବୁକିଂ କରିପାରୁଛନ୍ତି ।ସମୟ ସଞ୍ଚୟ: ଡିଜିଟାଲ୍ ପ୍ଲାଟଫର୍ମଗୁଡିକ ମାଧ୍ୟମରେ କେବଳ କିଛି ମିନିଟ୍‌ରେ ଟିକେଟିଂ ସମ୍ପନ୍ନ ହୋଇଯାଏ, ଯାହା ଯାତ୍ରୀମାନଙ୍କ ମୂଲ୍ୟବାନ ସମୟ ସଞ୍ଚୟ କରୁଛି ।ଭବିଷ୍ୟତ ଯୋଜନା: ଡିଜିଟାଲ୍ ବିସ୍ତାର ପାଇଁ କୌଶଳ -ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ତାହାର ଡିଜିଟାଲ୍ ପ୍ରଣାଳୀକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରୁଛି — ଟଞ୍ଚଝ ଆପ୍ ?ର ବ୍ୟବହାରରେ ବିସ୍ତାର ଏବଂ ଏହାର ଉପଯୋଗକାରୀ-ବନ୍ଧବ ଉନ୍ନୟନ ।ଅଧିକ ଭିଡ଼ ଥିବା ଷ୍ଟେସନ୍ ?ଗୁଡ଼ିକରେ ଅଧିକ ଇଞ୍ଚଠଗ ସ୍ଥାପନ । ନଗଦହୀନ ଟିକେଟିଂ ପ୍ରଚାର ପାଇଁ ସଚେତନତା ଅଭିଯାନ ।

ନିର୍ବିଘ୍ନ ପରିଚାଳନା ପାଇଁ ଡିଜିଟାଲ୍ ଢାଞ୍ଚାକୁ ଆହୁରି ଶକ୍ତିଶାଳୀ କରାଇବା । ବିଶ୍ୱସନୀୟତା ବଢ଼ାଇବା ପାଇଁ ନିୟମିତ ଅଡିଟ୍ ଓ ସିଷ୍ଟମ୍ ନିରୀକ୍ଷଣ ।ଏହି ଅର୍ଦ୍ଧବାର୍ଷିକ ଆକାଂକ୍ଷାଜନକ ତଥ୍ୟ ଯାତ୍ରୀମାନଙ୍କ ଡିଜିଟାଲ ଟିକେଟିଂ ପ୍ରତି ବିଶ୍ୱାସ ଓ ଆସ୍ଥାକୁ ପ୍ରକାଶ କରୁଛି । ରେଳମଣ୍ଡଳର ପ୍ରାଥମିକତା ହେଉଛି ସୁନିଶ୍ଚିତ ସେବା ଉପଲବ୍ଧତା ଦେବା, ଅଫଲାଇନ୍ ଲାଇନ୍‌ଗୁଡିକୁ ସର୍ବାଧିକ କମେଇବା ଏବଂ ଯାତ୍ରୀ ସୁବିଧା ପାଇଁ ଟିକେଟିଂ ପ୍ରଣାଳୀରେ ନବୀନତାକୁ ଉତ୍ସାହିତ କରିବା ।

## ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡିର ଟିମ୍

ଭୁବନେଶ୍ୱର,୮।୧୦: ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ଆଗାମୀ ନଭେମ୍ବର ୧୧ରେ ଅନୁଷ୍ଠିତ ହେବାକୁ ଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ତିନୋଟି ଗୁରୁତ୍ୱପୂର୍ଣ୍ଣ କମିଟି ଗଠନ କରିଛନ୍ତି। ଏହି କମିଟିଗୁଡ଼ିକରେ ପୂର୍ବତନ ମନ୍ତ୍ରୀ, ବର୍ତ୍ତମାନର ଓ ପୂର୍ବତନ ବିଧାୟକ, ଜଣେ ରାଜ୍ୟସଭା ସାଂସଦ ଏବଂ ସ୍ଥାନୀୟ ରାଜନୈତିକ ନେତାମାନଙ୍କୁ ସାମିଲ କରାଯାଇଛି। ଷ୍ଟିୟରିଂ କମିଟି (୬ ସଦସ୍ୟ): ଏହି ଉଚ୍ଚସ୍ତରୀୟ କମିଟି ପ୍ରଚାର ରଣନୀତି ଏବଂ ରାଜ୍ୟ ଓ ଜିଲା ୟୁନିଟ ମଧ୍ୟରେ ସମନ୍ୱୟ ତଦାରଖ କରିବ। ସଦସ୍ୟମାନେ ହେଲେ: ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ତୁକୁନୀ ସାହୁ, ନିରଞ୍ଜନ ବିଶି ଏବଂ ମୋ. ଆୟୁବ ଖାନ ।ଜୋନାଲ କମିଟି (୧୦ ସଦସ୍ୟ): ଏହି କମିଟି ନୂଆପଡ଼ା, କୋମନା, ସିନାପାଲି, ଜୋଙ୍କ ପରି ଗ୍ରାମୀଣ ବ୍ଲକ ଏବଂ ନୂଆପଡ଼ା ଓ ଖରିଆର ଏନଏସି ପରି ସହରୀ ଅଞ୍ଚଳରେ ମାଇକ୍ରୋ ମ୍ୟାନେଜମେଣ୍ଟ କରିବେ। ସଦସ୍ୟମାନେ ହେଲେ: କଳିକେଶ ନାରାୟଣ ସିଂହଦେଓ, ଶାରଦା ନାୟକ, ଦେବେଶ ଆଚାର୍ଯ୍ୟ, ସାରୋଜ ମେହେର, ମନୋଜ ରନ୍ଧାରୀ, ରୋହିତ ପୂଜାରୀ, ଜୋଗେଶ ସିଂହ ଏବଂ ବିକ୍ରମ ପାଣ୍ଡା। ଲୋକାଲ ଆକ୍ସନ କମିଟି (୩ ସଦସ୍ୟ): ଏହି କମିଟି ନୂଆପଡ଼ାର ମୂଳ ଅଞ୍ଚଳରେ ବୁଥ-ସ୍ତରୀୟ ଯୋଜନା, ଭୋଟର ତାଲିକା ଯାଞ୍ଚ ଏବଂ ଘରେ ଘରେ ପ୍ରଚାର ଉପରେ ଧ୍ୟାନ ଦେବ।

# ବିଶ୍ୱବିଦ୍ୟାଳୟଗୁଡ଼ିକ ସାମାଜିକ ଆବଶ୍ୟକତା ପୂରଣ କରିବା ଆବଶ୍ୟକ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୮।୧୦(ନି.ପ୍ର.): – ବିଶ୍ୱବିଦ୍ୟାଳୟଗୁଡ଼ିକ ସାମାଜିକ ଆବଶ୍ୟକତା ପୂରଣ କରିବା ପାଇଁ ନୂତନତାର କେନ୍ଦ୍ର ହେବା ଉଚିତ୍ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଜରିଆରେ ତେଲେଙ୍ଗାନା ସ୍ଥିତ ସମ୍ମକ୍କା ସାରକ୍କା କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ(ଏସଏସସିଟିୟୁ)ର ଏକ ଲୋଗୋ ଉନ୍ମୋଚନ କରିବା ଅବସରରେ ଏହା କହିଛନ୍ତି ।

ବିଶ୍ୱବିଦ୍ୟାଳୟର ଲୋଗୋ ଉନ୍ମୋଚନ ପାଇଁ ଅଭିନନ୍ଦନ ଜଣାଯାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଆଦିବାସୀ ଏବଂ ସଂସ୍କୃତ ତତ୍ତ୍ୱଗୁଡ଼ିକୁ ନେଇ ଲୋଗୋଟି ଡିଜାଇନ ହୋଇଛି । ଏହି ଲୋଗୋ ଶିକ୍ଷାନୁଷ୍ଠାନର ଦୁଇଟି ମୁଖ୍ୟ ଭୂମିକାକୁ ଦର୍ଶାଉଛି । ଗୋଟିଏ ହେଉଛି ଆଦିବାସୀ ପରମ୍ପରା ଏବଂ ଜ୍ଞାନର ସୁରକ୍ଷାକାରୀ ଏବଂ ଅନ୍ୟଟି ହେଉଛି ଶିକ୍ଷାଗତ ଉତ୍କର୍ଷର ଏକ ଆଲୋକସ୍ତମ୍ଭ ଭାବରେ କାର୍ଯ୍ୟ କରିବା । ତେଲେଙ୍ଗାନାରେ ଏହି ଶିକ୍ଷାନୁଷ୍ଠାନର ସ୍ଥାପନା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଶିକ୍ଷାଗତ ସମାନତା, ଆଦିବାସୀ ସଶକ୍ତିକରଣ ଏବଂ ତେଲେଙ୍ଗାନାବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣର ଏକ ଜ୍ୱଳନ୍ତ ପ୍ରମାଣ । ପ୍ରାୟ ୮୦୦ କୋଟି ଟଙ୍କା ବ୍ୟୟରେ ଏହି ଶିକ୍ଷାନୁଷ୍ଠାନ ବିକଶିତ ହେଉଅଛି । ସେ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ହେଉଛି 'ବସୁଧୈବ କୁଟୁମ୍ବକମ୍'ର ଏକ ପ୍ରୟୋଗାତ୍ମକ ରୂପ । ଏହା ବିକଶିତ ଭାରତ ପାଇଁ ମାର୍ଗ ପ୍ରଶସ୍ତ କରୁଛି । ବିଶ୍ୱ କଲ୍ୟାଣ ନିଶ୍ଚିତ କରିବା ପାଇଁ ଏହାକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବା ଜରୁରୀ । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଆଞ୍ଚଳିକ ଓ ମାତୃଭାଷାରେ ପିଲାମାନଙ୍କୁ ପାଠ ପଢାଇବା ଉପରେ ପ୍ରାଥମିକତା ଦିଆଯାଉଛି । ସମ୍ମକ୍କା ସାରକ୍କା କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ ବହୁଭାଷୀ ଶିକ୍ଷା ସମେତ ଭାରତୀୟ ସଭ୍ୟତା ଅଧ୍ୟୟନ ପାଇଁ ଏକ ନୂତନ ଦିଗ ଆଣିବ । "ଜ୍ଞାନଂ ପରମଂ ଧ୍ୟେୟମ୍" ମୋଟୋ ସହିତ ଏହା ଏକ ପ୍ରୟୋଗାତ୍ମକ, ଗବେଷଣା ଏବଂ ଉଦ୍ଭାବନ-ପ୍ରେରିତ ବିଶ୍ୱବିଦ୍ୟାଳୟରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନଦୀରେ ଭାସିଗଲେ ବୃଦ୍ଧ

କୁକୁଡାଖଣ୍ଡି,୮।୧୦: ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ନୂଆଗଡ ଗ୍ରାମ ନିକଟରେ ପ୍ରବାହିତ ଘୋଡ଼ାହାଡ ନଦୀ ଭାସିଯାଇ ଜଣେ ବୃଦ୍ଧ ମୃତ୍ୟୁବରଣ କରିଛନ୍ତି ।ମୃତକ ଜଣକ ହେଲେ ନୂଆଗଡ ଗ୍ରାମର ଅରକ୍ଷିତ ପ୍ରଧାନ (୭୦) ।ଅରକ୍ଷିତ ବୁଧବାର ସକାଳ ପ୍ରାୟ ୬ ଟାରେ କୌଣସି କାମରେ ନଦୀ ପାର ହୋଇ ଯାଉଥିବା ବେଳେ ଅସାବଧାନତା କାରଣରୁ ସେ ନଦୀର ପ୍ରଖର ସ୍ରୋତ ରେ ଭାସି ନିଖୋଜ ହୋଇଯାଇଥିଲେ ।ଆଖପାଖ ରେ ଥିବା ଲୋକେ ତାଙ୍କୁ



ନଦୀ ରୁ ଉଦ୍ଧାର କରିବାରେ ବିଫଳ ହେବାପରେ ଦିଗପହଣ୍ଡି ଦମକଳ ବାହିନୀକୁ ଖବର ଦେଇଥିଲେ ।ଦମକଳ କର୍ମଚାରୀ ମାନେ ଦୀର୍ଘ ଏକ ଘଣ୍ଟାର ପରିଶ୍ରମ ପରେ ନଦୀଗର୍ଭ ରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅରକ୍ଷିତ ଙ୍କ ପୁଅ ବାସୁଦେବ ପ୍ରଧାନ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଥାନା ଅପମୃତ୍ୟୁ ମାମଲା ନଂ.୪୦/୨୫ ଅନୁଯାୟୀ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ଡାକ୍ତରଖାନା କୁ ପଠାଇଥିଲେ ।ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା । ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ: ୧୧ ଯାଏ ଲାଗିରହିବ ବର୍ଷା

ଭୁବନେଶ୍ୱର,୮।୧୦(ନି.ପ୍ର.): ଉତ୍ତର-ପୂର୍ବ ଝାଡ଼ଖଣ୍ଡ ଏବଂ ଏହାର ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ସେହିପରି ଉତ୍ତର ଉପକୂଳ ଓଡ଼ିଶାରୁ ପୂର୍ବ ତେଲଙ୍ଗାନା ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶା, ଦକ୍ଷିଣ ଛତିଶଗଡ଼ ଦେଇ ସମୁଦ୍ର ପତ୍ତନଠାରୁ ୧.୫କି.ମି. ଉଚ୍ଚରେ ଏକ ଟ୍ରଫ୍ ଲାଇନ୍ ଗତି କରୁଛି। ଏହା ପ୍ରଭାବରେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗିରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ରିଆମାଳ ବନାଞ୍ଚଳ ଦନ୍ତା ହାତୀର ମୃତଦେହ ଠାବ

ଦେବଗଡ,୮।୧୦(ନି.ପ୍ର.): ଦେବଗଡ଼ ରିଆମାଳ ବନାଞ୍ଚଳ ଏକ ଦନ୍ତା ହାତୀ ମୃତ। ରେଙ୍ଗାଲବେ ସେକ୍ସନ ଅନ୍ତର୍ଗତ କାଉଁସିତଇଲା ଗାଁ ରାସ୍ତା ନିକଟରେ ହାତୀର ମୃତ ଦେହ ଠାବ ହୋଇଛି। ହାତୀର ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ବନବିଭାଗର ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହାତୀର ମୃତ୍ୟୁ ବିଦ୍ୟୁତ ସଂସ୍ପର୍ଶରେ ହୋଇଥିବା ଅନୁମାନ କରାଯାଉଛି।



## ପୁଞ୍ଜିଗୁଡା ଗ୍ରାମରେ ମଦର ବନ୍ୟା, ଜିଲ୍ଲାପାଳଙ୍କୁ ଅଭିଯୋଗ

ପାପଡାହାଣ୍ଡି,୮।୧୦(ନି.ପ୍ର.): ପାପଡାହାଣ୍ଡି ବ୍ଲକ ନାକଟିଗୁଡା ପଞ୍ଚାୟତ ଅନ୍ତର୍ଗତ ପୁଞ୍ଜିଗୁଡା ଗ୍ରାମରେ ମଦ୍ୟପଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଏବଂ ଗ୍ରାମରେ ରନ୍ଧା ମଦ ର ବନ୍ୟା ଛୁଟିଛି ବୋଲି ଗ୍ରାମର ମହିଳା ମାନେ ଆଜି ଲିଖିତ ଭାବେ ଅଭିଯୋଗ କରିଛନ୍ତି, ଗ୍ରାମର ଶତାଧିକ ଲୋକ ଏଥିରେ ଅଭ୍ୟସ୍ତ ଅଛନ୍ତି । ବୁଢ଼ା ଠାରୁ ପିଲା, ଛାତ୍ରଠାରୁ ଶ୍ରମିକ, ଚାଷୀ ସମସ୍ତେ ମଦ୍ୟ ପାନ କରି ଗ୍ରାମରେ ସଦାସର୍ବଦା ଅଶାନ୍ତି ସୃଷ୍ଟି କରୁଛନ୍ତି। ଚାଷ ରୁ ଉପାର୍ଜିତ ଫସଲ, ବାଡ଼ିର ପନିପରିବା,ଧାନ, ଚାଉଳ ଆଦି ଲୁଚାଇ ବିକ୍ରି କରି ଏବଂ ବାହାରେ ଶ୍ରମିକ ଭାବେ କାମକରି ଆଣିଥିବା ଟଙ୍କା ଘରେ ନ ଦେଇ ସବୁ ଟଙ୍କା ମଦରେ ଖର୍ଚ୍ଚ କରୁଛନ୍ତି ଯାହା ଫଳରେ ପରିବାର ଚଳିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଗ୍ରାମର ମହିଳା



ମାନେ କୁଲି କାମକରି ଆଣିଥିବା ଟଙ୍କାକୁ ପୁରୁଷ ପିଟା ମରା କରି ନେଇ ମଦ ପାଇଁ ଖର୍ଚ୍ଚ କରୁଥିବାରୁ ଘର ଚଳିବ କେମିତି ବୋଲି ଓଲଟା ପ୍ରଶ୍ନ ପଚାରିଛନ୍ତି ଗ୍ରାମର ମହିଳା ମାନେ, ମଦ ବିକ୍ରି କରୁଥିବା ଲୋକଙ୍କୁ ଗ୍ରାମରେ ବିକ୍ରି ନ କରିବାକୁ କହିବାରୁ ସେମାନେ ମାନୁନାହାନ୍ତି ଏବଂ ଓଲଟା ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ମହିଳା ମାନେ,ଗ୍ରାମରେ ୬୮ ପରିବାର ର ୩୦୦ ରୁ ଉର୍ଦ୍ଧ ଗ୍ରାମବାସୀ ବାସ କରନ୍ତି ସମସ୍ତ ପରିବାର ଅଦବାସୀ ଏବଂ ଅସିକ୍ଷିତ ଅଟନ୍ତି, ଗ୍ରାମର ମହିଳାମାନେ ଏଥିପାଇଁ ଶନିବାର ଗ୍ରାମରେ ଏକ ବୈଠକ କରି ଆଲୋଚନା କରି ଆଜି ନବରଙ୍ଗପୁର ଜିଲ୍ଲାପାଳ, ପାପଡାହାଣ୍ଡି ଅବକାରୀ କାର୍ଯ୍ୟାଳୟ, ପାପଡାହାଣ୍ଡି ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଆଜି ଲିଖିତ ଅଭିଯୋଗ କରିବାକୁ ଆସିଥିବା ମହିଳା ମାନେ ଡମୁଣି ଭତରା, ଧନମତି ଭତରା, ବଇଦି ଭତରା, ବିମଳା ଭତରା, ନମିତା ଭତରା, ସୁଶୀଳା ଭତରା, ହେମ ଭତରା, ଜେମା ଭତରା, ଚନ୍ଦ୍ରମା ଭତରା, ଧନମତି ଭତରା, ମିଳିକି ଭତରା, କୁନି ଭତରା, ମଙ୍ଗରି ଭତରା, ନବୀନା ଭତରା, ବୃନ୍ଦା ଭତରା ପ୍ରମୁଖ।

## ପ୍ଲାଣ୍ଟ ଶ୍ରମିକମାନଙ୍କ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ପାଇଁ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା



ଭୁବନେଶ୍ୱର,୮।୧୦(ନି.ପ୍ର.): କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଥମ ଥର ପାଇଁ କାଜୁ କାରଖାନାମାନଙ୍କରେ ଶ୍ରମିକମାନଙ୍କ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ବିଷୟରେ ଏକ ଦିନିକିଆ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାଟି ଭୁବନେଶ୍ୱର ସ୍ଥିତ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଥିଲା ।ପୂର୍ବାହ୍ନ ସଭାରେ ମୁଖ୍ୟ ଅତିଥି ଇନ୍ଦ୍ରମଣି ତ୍ରିପାଠୀ, ଆଇ.ଏ.ଏସ., ରାଜ୍ୟ ଶ୍ରମ କମିଶନର, କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶକ ଏବଂ ରାଜ୍ୟ ଶ୍ରମ ସଂସ୍ଥାନ ନିର୍ଦ୍ଦେଶକ, ଉପସ୍ଥିତ ହୋଇ କର୍ମଶାଳାର ଉଦଘାଟନ କରିଥିଲେ। ସେ ତାଙ୍କ ଉଦବୋଧନରେ କହିଥିଲେ ଯେ, କାଜୁ କାରଖାନାମାନଙ୍କରେ ବୃତ୍ତିଗତ ସ୍ୱାସ୍ଥ୍ୟ ଆହ୍ୱାନପୂର୍ଣ୍ଣ ଥିବାରୁ ଉଭୟ ଶ୍ରମିକ ଏବଂ ପରିଚାଳନା କର୍ତ୍ତୃପକ୍ଷ ଏହି କ୍ଷେତ୍ରରେ ଦାୟିତ୍ୱବାନ ଓ ସଚେତନ ହେଲେ ସୁରକ୍ଷା ସହିତ ବୃତ୍ତିଗତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ସମ୍ଭବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଡଃ ମଳୟ କୁମାର ପ୍ରଧାନ, ଉପ ନିର୍ଦ୍ଦେଶକ (ସୁରକ୍ଷା), କାରଖାନା ନିୟମାବଳୀ ୧୯୫୦ ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ନିର୍ବାହ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ଏହି କର୍ମଶାଳାରେ ଡଃ ଜଗତଜୀବନ ପତି, ଅଧିକ୍ଷକ, ଇ.ଏସ.ଆଇ ହସ୍ପିଟାଲ, ଚୌଦ୍ୱାର; ଶ୍ରୀ ଚିତ୍ତରଞ୍ଜନ ବେଉରା, ଉପ ମୁଖ୍ୟ ନିର୍ଦ୍ଦେଶକ, ରାୟଗଡ଼ା ମଣ୍ଡଳ; ଏବଂ ଅନିଲ କୁମାର ନନ୍ଦ, ସହକାରୀ ନିର୍ଦ୍ଦେଶକ, ସଦର ମହକୁମା — କର୍ମଶାଳାର ସଫଳ ପରିଚାଳନା କରିଥିଲେ ।ଅପରାହ୍ନ ସଭାରେ ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ମୋଟ ୬୦ ଜଣ ଅଂଶ ଗ୍ରହଣକାରୀ, କାଜୁ ପ୍ଲାଣ୍ଟ ମାଲିକ, ସୁପରଭାଇଜର ଏବଂ ଅପରେଟରମାନଙ୍କୁ ରାଜ୍ୟ ଶ୍ରମ ସଂସ୍ଥାନ ପକ୍ଷରୁ ପ୍ରମାଣପତ୍ର ବଣ୍ଟନ କରିଥିଲେ ।ଏହି ରାଜ୍ୟସ୍ତରୀୟ କର୍ମଶାଳା ମାଧ୍ୟମରେ ଶ୍ରମିକ ଓ ପରିଚାଳନା ମଧ୍ୟରେ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ବୃଦ୍ଧି ସହିତ ସୁରକ୍ଷିତ, ସ୍ୱାସ୍ଥ୍ୟକର ଓ ଉତ୍ପାଦନଶୀଳ କାର୍ଯ୍ୟ ପରିବେଶ ଗଠନ ପ୍ରତି ଅଂଗୀକାର ଓ ପ୍ରତିବଦ୍ଧତାକୁ ସୁଦୃଢ଼ କରାଯାଇଛି ।

## ଏମ୍‌ସିସିକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ପାଇଁ ଇସିଆଇଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୧୦(ନି.ପ୍ର.): ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଅକ୍ଟୋବର ୬, ୨୦୨୫ରେ ବିହାର ବିଧାନସଭାର ସାଧାରଣ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି ।ଏହି ଘୋଷଣା ସହିତ, ଇସିଆଇ ରାଜ୍ୟରେ ଆଦର୍ଶ ଆଚରଣ ସଂହିତା (ଏମସିସି) ତୁରନ୍ତ ଲାଗୁ ହେବା ସମ୍ପର୍କରେ ବିହାରର ମୁଖ୍ୟ ସଚିବ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛି। ବିହାର ପାଇଁ ଘୋଷଣା/ନୀତିଗତ ନିଷ୍ପତ୍ତି ସମ୍ପର୍କରେ ଏମ୍ସିସି କେନ୍ଦ୍ର ସରକାରଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ ।ସରକାରୀ ଏବଂ ବ୍ୟକ୍ତିଗତ ସମ୍ପତ୍ତିରୁ ବିକୃତୀକରଣ ଅପସାରଣ; ନିର୍ବାଚନ ସହିତ ଜଡ଼ିତ ଯେକୌଣସି ରାଜନୈତିକ ଦଳ, ପ୍ରାର୍ଥୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ସରକାରୀ ଯାନବାହାନ କିମ୍ବା ସରକାରୀ ବାସସ୍ଥାନର ଅପବ୍ୟବହାର; ସରକାରୀ ରାଜକୋଷ ଖର୍ଚ୍ଚରେ ବିଜ୍ଞାପନ ଜାରି କରିବା ଉପରେ ନିଷେଧ ସହିତ ଜଡ଼ିତ ନିର୍ଦ୍ଦେଶାବଳୀର କଡ଼ା ପାଳନ ସୁନିଶ୍ଚିତ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

ନାଗରିକଙ୍କ ଗୋପନୀୟତାକୁ ସମ୍ମାନ ଦିଆଯିବା ଉଚିତ, ଏବଂ ବ୍ୟକ୍ତିଗତ ବାସସ୍ଥାନ ବାହାରେ କୌଣସି ପ୍ରଦର୍ଶନ କିମ୍ବା ପ୍ରତିବାଦ କରାଯିବା ଉଚିତ୍ ନୁହେଁ। ମାଲିକଙ୍କ ସମ୍ମତି ବିନା ପତାକା, ବ୍ୟାନର କିମ୍ବା ପୋଷ୍ଟର ପାଇଁ ଜମି, କୋଠା କିମ୍ବା କାନ୍ଥ ବ୍ୟବହାର କରାଯିବ ନାହିଁ। ଏକ ଅଭିଯୋଗ ତଦାରଖ ବ୍ୟବସ୍ଥା ସ୍ଥାପନ କରାଯାଇଛି, ଯେଉଁଥିରେ ଏକ କଲ୍ ସେଣ୍ଟର ନମ୍ବର ୧୯୫୦ ଅନ୍ତର୍ଭୁକ୍ତ। ଏହି ନମ୍ବରରେ ଜନସାଧାରଣ କିମ୍ବା ରାଜନୈତିକ ଦଳର ଯେକୌଣସି ସଦସ୍ୟ ସମ୍ପୃକ୍ତ ଡିଓଇ ବା ଆରଓଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ। ଏହି ବ୍ୟବସ୍ଥା ବର୍ତ୍ତମାନ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିଛି।

ଜନସାଧାରଣ/ରାଜନୈତିକ ଦଳଗୁଡ଼ିକ ଇସିଆଇଏନଇଟିରେ ଥିବା ସି-ଭିଜିଲ ଆପ୍ ବ୍ୟବହାର କରି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ରିପୋର୍ଟ ଦାଖଲ କରିପାରିବେ। ୧୦୦ ମିନିଟ୍ ମଧ୍ୟରେ ଅଭିଯୋଗଗୁଡ଼ିକର ସମାଧାନ ନିଶ୍ଚିତ କରିବା ପାଇଁ ରାଜ୍ୟ ସାରା ୮୨୪ଟି ଫ୍ଲାଇଂ ସ୍କ୍ୱାଡ୍ ନିୟୋଜିତ କରାଯାଇଛି ।ଟ୍ରାଫିକ୍ ଏବଂ ସୁରକ୍ଷା ବ୍ୟବସ୍ଥାକୁ ସକ୍ଷମ କରିବା, ନିଷେଧକ ନିର୍ଦ୍ଦେଶ ପାଳନ କରିବା ଏବଂ ଲାଉଡସ୍ପିକର କିମ୍ବା ଅନ୍ୟାନ୍ୟ ସୁବିଧା ପାଇଁ ଆବଶ୍ୟକୀୟ ଅନୁମତି ପାଇବା ପାଇଁ ରାଜନୈତିକ ଦଳଗୁଡ଼ିକୁ ସଭା ଏବଂ ଶୋଭାଯାତ୍ରା ପୂର୍ବରୁ ପୋଲିସ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ପଡ଼ିବ। ମନ୍ତ୍ରୀମାନେ ନିର୍ବାଚନ ପ୍ରଚାର ସହିତ ସରକାରୀ କାର୍ଯ୍ୟକୁ ମିଶ୍ରଣ କରିବେ ନାହିଁ କିମ୍ବା ପ୍ରଚାର ଉଦ୍ଦେଶ୍ୟରେ ସରକାରୀ ଯନ୍ତ୍ରପାତି, ପରିବହନ କିମ୍ବା କର୍ମଚାରୀ ବ୍ୟବହାର କରିବେ ନାହିଁ ।ଆୟୋଗ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ନିର୍ବାଚନ ପରିଚାଳନା ସହିତ ଜଡ଼ିତ ସମସ୍ତ ଅଧିକାରୀ/କର୍ମଚାରୀଙ୍କ ସ୍ଥାନାନ୍ତର ଉପରେ ନିଷେଧ ରହିବ। ସମସ୍ତ ସ୍ତରର ଅଧିକାରୀମାନଙ୍କୁ ଆଦର୍ଶ ଆଚରଣ ବିଧି ଲାଗୁ କରିବାରେ ନିରପେକ୍ଷ ଭାବରେ କାର୍ଯ୍ୟ କରିବା, ସମସ୍ତ ପକ୍ଷଙ୍କ ସହିତ ସମାନ ବ୍ୟବହାର ସୁନିଶ୍ଚିତ କରିବା ଏବଂ ସରକାରୀ ସୁବିଧାର ଅପବ୍ୟବହାର ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ସଭା, ଶୋଭାଯାତ୍ରା ଏବଂ ମତଦାନ ବ୍ୟବସ୍ଥାକୁ ନିରପେକ୍ଷ ଭାବରେ ନିୟନ୍ତ୍ରଣ କରିବା, ଆଇନ ଶୃଙ୍ଖଳା ରକ୍ଷା କରିବା ଏବଂ ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତା ବଜାୟ ରଖିବା ଉଚିତ ।ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ, ପଡ଼ିଆ ଏବଂ ହେଲିପ୍ୟାଡ୍ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକ ସମାନ ସର୍ତ୍ତରେ ସମସ୍ତ ପକ୍ଷଙ୍କ ପାଇଁ ସମାନ ଭାବରେ ଉପଲବ୍ଧ କରାଇବା ଉଚିତ। ସୁବିଧା ମଡ୍ୟୁଲ୍ ଇସିଆଇ ନେଟରେ ସକ୍ରିୟ କରାଯାଇଛି, ଯେଉଁଠାରେ ରାଜନୈତିକ ଦଳଗୁଡ଼ିକ ଏପରି ସାର୍ବଜନୀନ ସ୍ଥାନଗୁଡ଼ିକର ବ୍ୟବହାର ପାଇଁ ଆବେଦନ କରିପାରିବେ ଯାହା 'ପ୍ରଥମ ଆବେଦନକର୍ତ୍ତାଙ୍କୁ ପ୍ରଥମେ ବଣ୍ଟନ' ନିୟମ ଆଧାରରେ ଆବଣ୍ଟିତ ହେବ।

# ଘଣ୍ଟାଏ ବର୍ଷାରେ ରାଜଧାନୀ ଅବସ୍ଥା ବେହାଲ

ଭୁବନେଶ୍ୱର,୮।୧୦(ନି.ପ୍ର.): ନଦୀର ଭ୍ରମ ସୃଷ୍ଟି କରୁଛି ରାଜଧାନୀ ରାସ୍ତା। ପାଖାପାଖି ଘଣ୍ଟାଏ ବର୍ଷାରେ ରାସ୍ତାର ଅବସ୍ଥା ବେହାଲ ହୋଇପଡିଛି। ବୁଧବାର ମଧ୍ୟାହ୍ନରେ ଭୁବନେଶର ଆକାଶରେ ହଠାତ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ଏହା ପରେ ଆରମ୍ଭ ହୋଇଛି ବିଜୁଳି ଏବଂ ଘଡଘଡି ସହ ବର୍ଷା। ବର୍ଷା ସହ ପବନ ମଧ୍ୟ ହେଉଛି। ବର୍ଷା ପରେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଆଜି ସକାଳେ ଖରା ପାଗ ହୋଇଥିଲା। କିନ୍ତୁ ଦିନ ପ୍ରାୟ ସାଢେ ୧୨ ଟା ପରେ ହଠାତ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ଘଣ୍ଟାଏ ବର୍ଷାରେ ରାଜଧାନୀର ମୁଖ୍ୟ ଜଳାର୍ଣ୍ଣବ ହୋଇଯାଇଥିଲା। ପାଣି ଜମିରହିଥିବାରୁ ରାସ୍ତାରୁ ଇଞ୍ଚ ଆଗକୁ ବଢ଼ିପାରିଲାନି ଗାଡି। ଘଣ୍ଟାଏ ଧରି ଘଡଘଡି ବର୍ଷାରେ ହନ୍ତସନ୍ତ ହୋଇଛନ୍ତି ରାଜଧାନୀବାସୀ।

ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମି ରହିବା ସହିତ ସହରର ପ୍ରମୁଖ ରାସ୍ତାଗୁଡ଼ିକରେ ଭୟଙ୍କର ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା। ପାଣି ଜମି ରହିଥିବା ରାସ୍ତାଗୁଡ଼ିକରେ ଯାତାୟାତ ଅଧିକ କଷ୍ଟକର ହୋଇପଡ଼ିଥିଲା। ଜୟଦେବ ବିହାର ଏବଂ ସିଆରପିଏଫ୍ ସ୍କୋୟାର ମଧ୍ୟରେ ଜାତୀୟ ରାଜପଥ-୧୬ ଓ ମାଷ୍ଟର କ୍ୟାଣ୍ଟିନରୁ ରାଜମହଲ ସ୍କୋୟାର ଏବଂ ୟୁନିଟ୍-୧ ମାର୍କେଟକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ମଧ୍ୟ ପ୍ରବଳ ଭିଡ଼ ସୃଷ୍ଟି ହୋଇଥିଲା। ଆବାସିକ ଅଞ୍ଚଳ ଏବଂ ମାର୍କେଟ ଗୁଡିକ ମଧ୍ୟ ଆଂଶିକ ଭାବରେ ଜଳମଗ୍ନ ହୋଇପଡ଼ିଥିଲା। ଅନ୍ୟପଟେ ଦକ୍ଷିଣ ବାଂଲାଦେଶ ଓ ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ୧୦ ତାରିଖରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ପ୍ରଭାବରେ ଆଗାମୀ ୪ ରୁ ୫ ଦିନ ରାଜ୍ୟରେ ବର୍ଷା ଲାଗିରହିବ। ବିଶେଷକରି ଉପକୂଳ ଓ ଉତ୍ତର-ଅଭ୍ୟନ୍ତରୀଣ ଓଡ଼ିଶାରେ ତୀବ୍ରତା ଅଧିକ ରହିପାରେ, ଆଗାମୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବ ଏହିପରି ପ୍ରଭାବ। ୧୦ ଅକ୍ଟୋବର ବେଳକୁ ବଙ୍ଗୋପସାଗରରେ ପୁଣି ଘୂର୍ଣ୍ଣିବଳୟ। ତେବେ ଏହା ବିଶେଷ ଘନୀଭୂତ ହେବ ନାହିଁ। ସେପଟେ ଆଜିଠାରୁ ଆସନ୍ତାକାଲି ସକାଳ ସାଢ଼େ ୮ଟା ଯାଏଁ ୨୪ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମାଲକାନଗିରି, କୋରାପୁଟ, ଖୋର୍ଦ୍ଧା, ପୁରୀ , କଟକ , କେନ୍ଦ୍ରାପଡା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ